ବର୍ଷ-୨୫, ସଂଖ୍ୟା-୪୩
ଭୁବନେଶ୍ୱର
୧୩, ଫେବୃଆରୀ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 43
Bhubaneswar
13 February, 2025, Thursday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

# ମହାଭାରତ

Mahabharat



ଗିଲ୍‌ଙ୍କ ଶତକ

# ଆଜିଠୁ ବିଧାନସଭାର ବଜେଟ୍ ଅଧିବେଶନ

**ଭୁବନେଶ୍ୱର, ୧୨।୨ (ମହାଭାରତ):** ଆସନ୍ତାକାଲିଠାରୁ ରାଜ୍ୟ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେଉଛି। ଏହି ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ଦଫାରେ ଫେବୃଆରୀ ୧୩ ରୁ ୨୧ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୭ ତାରିଖରୁ ଏପ୍ରିଲ୍ ୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ବଜେଟ ଅଧିବେଶନରେ ୨୮ଟି କାର୍ଯ୍ୟଦିବସ ରହିଛି। ଆସନ୍ତାକାଲି ରାଜ୍ୟପାଳ ହରିବାବୁ କମ୍ଭମପତି

## ଏଥର ଟ୍ୟାବ୍ ଦେଖି ପଢ଼ିବେ ସଦସ୍ୟ



ପେପର ଲେସ ବିଧାନସଭା ଉଦଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ।

ଅଧିବେଶନକୁ ଉଦ୍‌ଘାଟନ କରିବେ।

ଏହି ଅଧିବେଶନ ରାଜନୈତିକ ଦୃଷ୍ଟିକୋଣରୁ ଯେ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ରାଜ୍ୟ ସରକାର ପ୍ରଥମ କରି ଏହି ଅଧିବେଶନରେ ରାଜ୍ୟର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ। ବିରୋଧୀ ଦଳଗୁଡ଼ିକ ଚଳିତ ବିଧାନସଭାରେ ଯେଉଁଭଳି ସଶକ୍ତ, ସରକାରୀ ଦଳ ମଧ୍ୟ ଏ କ୍ଷେତ୍ରରେ ପଛରେ ନାହାଁନ୍ତି। ଏହି ଅଧିବେଶନ କାଳରେ ବିରୋଧୀ ପାଖରେ ଅନେକ ପ୍ରସଙ୍ଗ ରହିଥିଲେ ମଧ୍ୟ ଗତ ୭ ମାସର ନୂତନ ସରକାରଙ୍କ ପାଖରେ ସଫଳତାର ଚିଠା ବି କିଛି କମ୍ ନାହିଁ। ଚଳିତ ଅଧିବେଶନ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ରୂପେ ପେପରଲେସ୍ ଭାବେ ପ୍ରଥମ କରି ଆରମ୍ଭ ହେବ। ଏଥିପାଇଁ ମନ୍ତ୍ରୀ ଓ ବିଧାୟକମାନେ ବି ପ୍ରସ୍ତୁତ ହୋଇ ରହିଛନ୍ତି। ଆଉ କାଗଜପତ୍ରରେ ପ୍ରଶ୍ନ ଉତ୍ତର ଆସିବ ନାହିଁ। ପ୍ରତ୍ୟେକ ସଦସ୍ୟଙ୍କୁ ଟ୍ୟାବ ମଧ୍ୟ ଯୋଗାଇ ଦିଆଯାଇଛି।

ଚଳିତ ଅଧିବେଶନରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି, ଚାଷୀ ସମସ୍ୟା, ୩୧ ଶହ ଟଙ୍କା ଧାନସଂଗ୍ରହ, ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବା ଓ ମରାମତି କରାଯିବା, ସୁଭଦ୍ରା ଯୋଜନା, ପାନୀୟ ଜଳ ପ୍ରକଳ୍ପ ନାମରେ ଶହ ଶହ କୋଟି ଟଙ୍କା ଆତ୍ମସାତ୍, ସାଙ୍ଗକୁ ଲୋକମାନଙ୍କର ପାନୀୟ ଜଳକଷ୍ଟ, ବାରବାଟୀ ଷ୍ଟାଡିୟମରେ ଭାରତ-ଇଂଲଣ୍ଡ ମ୍ୟାଚ୍‌ରେ ଫ୍ଲଡ଼୍‌ଲାଇଟ୍ ବିଭ୍ରାଟ ଆଦି ଘଟଣା ଏହି ଅଧିବେଶନର ପ୍ରତିଫଳିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ବିଧାନସଭା ସୁରୁଖୁରୁରେ ହେବା ନେଇ ସର୍ବଦଳୀୟ ବୈଠକରେ ଆଲୋଚନା ହୋଇଛି। ଏଥର ବିଧାନସଭାରେ ୨୮ ଟି କାର୍ଯ୍ୟ ଦିବସ ରହିବ ବୋଲି ସୂଚନା ଦେଇଛନ୍ତି ବାଚସ୍ପତି ସୁରମା ପାଢ଼ି। ମୁଖ୍ୟମନ୍ତ୍ରୀ ବଜେଟ ଉପସ୍ଥାପନା କରିବେ। ୧୭ ତାରିଖ ବଜେଟ ଉପସ୍ଥାପନା ସହିତ ଆପ୍ରପେଶନ ବିଲ ଆସିବ। ସରକାରୀ ଓ ବେସରକାରୀ କାର୍ଯ୍ୟଦିବସ ରହିଛି। ଦୀର୍ଘ ଦିନ ଧରି ବିଧାନସଭାକୁ ଡିଜିଟାଇଜେସନ କରିବା ପାଇଁ ଚିନ୍ତା କରିଥିଲୁ ଆଜି ପେପର ଲେସ ବିଧାନସଭା ଉଦଘାଟନ ହୋଇଛି। ୱାନ ନେସନ ୱାନ ଆପ୍ଲିକେସନ କେନ୍ଦ୍ର ସରକାରଙ୍କ ଦ୍ୱାରା ଚାଲିଛି। ୧୭ ତମ ବିଧାନସଭା ଭାବେ ଓଡ଼ିଶା ବିଧାନସଭା ପେପର ଲେସ ହୋଇଛି। ଆଜି ଉଦଘାଟନ ପରେ ପରେ ଦିଲ୍ଲୀରୁ ଆସିଥିବା ନେଭା ଟିମ ଟ୍ରେନିଂ ଦେଇଥିଲେ ଆସନ୍ତାକାଲି ମଧ୍ୟ ଟ୍ରେନିଂ ଦିଆଯିବ। ବିଧାନସଭା ପରିସରରେ ନେଭା ଟିମ ୩ ଟାରୁ ୪ ଟା ସମୟରେ ଟ୍ରେନିଂ ଦେବେ ବୋଲି ବାଚସ୍ପତି ସୂଚନା ଦେଇଛନ୍ତି। ଶାନ୍ତିଶୃଙ୍ଖଳାର ସହିତ ବଜେଟ୍ ଅଧିବେଶନ ଅନୁଷ୍ଠିତ କରାଯିବା ପାଇଁ ସେନେଇ ବାଚସ୍ପତି ବିରୋଧୀ ଏବଂ ଶାସକ ଦଳ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଏହି ବୈଠକରେ ଅନୁରୋଧ କରିଛନ୍ତି। ବିଧାନସଭା ବଜେଟ ଅଧିବେଶନ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜଭବନରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତିଙ୍କୁ ଏକ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ବଜେଟ ଅଧିବେଶନ ପ୍ରଥମ ଦିନରେ ରାଜ୍ୟପାଳ ନିଜର ଅଭିଭାଷଣ ରଖିବେ। ସେ ରାଜ୍ୟର ବିକାଶ ଓ ଅଭିବୃଦ୍ଧିର ଚିତ୍ର ରଖିବେ। ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ବିକଶିତ ଓଡିଶାର ନକ୍ସା ମଧ୍ୟ ଉପସ୍ଥାପନ କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ପୂରଣ ନେଇ ରାଜ୍ୟପାଳଙ୍କ ଆଲୋଚନା କରିଛନ୍ତି। ଫେବୃଆରି ୧୩ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣ ସହ ଅଧିବେଶନ ଆରମ୍ଭ ହେବ। ଫେବୃଆରି ୧୪ ଓ ୧୫ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆସିଥିବା ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବ। ଫେବୃଆରି ୧୭ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ ହେବ। ମାର୍ଚ୍ଚ ୭ ତାରିଖରେ ବିଭିନ୍ନ ବିଭାଗୀୟ ଷ୍ଟାଣ୍ଡିଂ କମିଟିର ରିପୋର୍ଟ ଉପସ୍ଥାପନ ହେବ। ମାର୍ଚ୍ଚ ୧୦ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ବଜେଟ୍ ଉପରେ ଆଲୋଚନା ହେବ। ମାର୍ଚ୍ଚ ୩୦ ତାରିଖ ରବିବାର ଓ ୩୧ ତାରିଖ ଇଦ୍‌ଲଫିତର୍ ପଡୁଥିବାରୁ ୨୯ ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ପାରିତ ହେବ।

# କନିଷ୍ଠ ଶିକ୍ଷକଙ୍କ ଦରମା ବଢ଼ିଲା

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ

## ୧୧,୧୦୦ ରୁ ୧୬ ହଜାରକୁ ବଢିଲା

## ଉପକୃତ ହେବେ ୧୩,୭୪୦ ଶିକ୍ଷକ

**ଭୁବନେଶ୍ୱର, ୧୨।୨ (ମହାଭାରତ):** ସମଗ୍ର ଶିକ୍ଷା ଅଧୀନରେ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷକ (ସ୍କିମାଟିକ) ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ଶିକ୍ଷକମାନଙ୍କ ମାସିକ ଦରମାରେ ୪,୯୦୦ ଟଙ୍କା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଦରମା ବୃଦ୍ଧି କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଧନ୍ୟବାଦ ଜଣାଇଛନ୍ତି। ମନ୍ତ୍ରୀ ଶ୍ରୀ ଗଣ୍ଡ ସାମାଜିକ ଗଣମାଧ୍ୟମ ଏକ୍ସରେ ଏକ ପୋଷ୍ଟ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହିତ ଏହି ନିଷ୍ପତ୍ତି ଶିକ୍ଷାଦାତାଙ୍କୁ ସଶକ୍ତ କରିବା ସହିତ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବ ବୋଲି କହିଛନ୍ତି।

ସୂଚନା ଥାଉକି, ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ମାଧ୍ୟମରେ ଏହା ଜଣାଇଦିଆ ଯାଇଛିଯେ ସ୍କିମାଟିକ୍ କନିଷ୍ଠ ଶିକ୍ଷକ ମାନଙ୍କ ମାସିକ ପାରିଶ୍ରମିକ ୧୧,୦୦୦ ଟଙ୍କା ରୁ ୧୬,୦୦୦ ଟଙ୍କା ବୃଦ୍ଧି କରା ଯାଇଛି। ସମଗ୍ର ଶିକ୍ଷା କାର୍ଯ୍ୟକ୍ରମରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ନିୟୋଜିତ ସ୍କିମାଟିକ୍ କନିଷ୍ଠ ଶିକ୍ଷକମାନଙ୍କୁ ମାସିକ ୧୧,୧୦୦ ଟଙ୍କା ପାରିଶ୍ରମିକ ଦିଆଯାଉଥିଲା। ଗତ ୨୦୨୫ ଜାନୁଆରୀ ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି ବର୍ଗର ଶିକ୍ଷକ ମାନଙ୍କର ମାସିକ ପାରିଶ୍ରମିକକୁ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇ ଏ ସଂପର୍କିତ ପ୍ରସ୍ତାବକୁ ଅନୁମୋଦନ ଦେଇଥିଲେ। ଏହାଦ୍ୱାରା ପ୍ରାଥମିକ ଶିକ୍ଷାରେ ଗୁଣାତ୍ମକ ଉନ୍ନତି ଆସିବା। ସହିତ ରାଜ୍ୟରେ ଏହି ବର୍ଗରେ ଥିବା ୧୩,୭୪୦ ଶିକ୍ଷକ ଉପକୃତ ହେବେ।

ସଂଶୋଧିତ ପାରିଶ୍ରମିକ ହାର ସଂକଳ୍ପ ଜାରି ହେବା ତାରିଖରୁ କାର୍ଯ୍ୟକାରୀ ହେବ। ଏହା ଅର୍ଥ ବିଭାଗର ସହମତିରେ କରାଯାଇଛି। ଏହି ସଂକଳ୍ପ ଓଡ଼ିଶା ଗେଜେଟର ଏକ ଅସାଧାରଣ ସଂଖ୍ୟାରେ ପ୍ରକାଶିତ ହେବ। ଜାନୁଆରି ୧୭ ତାରିଖରେ, ଓଡ଼ିଶା ମୁଖ୍ୟମନ୍ତ୍ରୀ ଏହି ପ୍ରସ୍ତାବକୁ ଗ୍ରହଣ କରିଥିଲେ। ବୁଧବାର ଏହାର ସଂକଳ୍ପ ପ୍ରକାଶିତ ହୋଇଛି।

# ଶାସକ-ବିରୋଧୀ ତୟାର

**ଭୁବନେଶ୍ୱର, ୧୨।୨ (ମହାଭାରତ):** ଆସନ୍ତାକାଲିଠୁ ବିଧାନସଭାହ ବଜେଟ୍ ଅଧିବେଶନ ଆରମ୍ଭ ହେବ। ଏଥିପାଇଁ ଶାସକ ବିଜେପି, ବିରୋଧୀ ବିଜେଡି ଓ କଂଗ୍ରେସ ପ୍ରସ୍ତୁତ। ଶାସକ ଦଳକୁ ଘେରିବାକୁ ବିରୋଧୀ ରଣନୀତି ପ୍ରସ୍ତୁତ କରିଥିବାବେଳେ ଶାସକ ଦଳ ମଧ୍ୟ ଜବାବ ଦେବାକୁ ପ୍ରସ୍ତୁତ ହୋଇଛନ୍ତି। ବିରୋଧୀ ଦଳ ପାଖରେ ଅନେକ ପ୍ରସଙ୍ଗ ରହିଥିବାବେଳେ ଏହାକୁ କାଉଣ୍ଟର କରିବ ଶାସକ ବିଜେପି। ଆଜି ଶାସକ ଦଳର ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ସରକାର ୮ ମାସ ହେଲାଣି। ଆମେ ଯାହା ପ୍ରତିଶ୍ରୁତି ଦେଇଥିଲୁ ତାହା ପୂରଣ କରିଛୁ। ସରକାରଙ୍କ ସଫଳତା ବିଷୟରେ ଆମେ ବିଧାନସଭାରେ କହିବୁ।



ବିଭିନ୍ନ ପ୍ରସଙ୍ଗରେ ଉଠାଇ ବିଧାନସଭାରେ ଶାସକ ଦଳକୁ ଘେରିବା ପାଇଁ ବିରୋଧୀ ବିଜେଡି ରଣନୀତି ପ୍ରସ୍ତୁତ କରିଛି। ଆଜି ଏହାକୁ ନେଇ ବିଜେଡି ବିଧାୟକ ଦଳ ବୈଠକ ଶଙ୍ଖ ଭବନରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅଧ୍ୟକ୍ଷତାରେ ବସିଥିଲା। ଏହି ଅବସରରେ ନବୀନ କହିଥିଲେ ଯେ, ଡବଲ ଇଞ୍ଜିନ ସରକାର ଆଠ ମାସ ହେଲା ଦାୟିତ୍ୱ ନେଲଣି। କିନ୍ତୁ ତାଙ୍କ ଦୃଷ୍ଟିଭଙ୍ଗୀ ଓ କାର୍ଯ୍ୟଧାରାରେ ଓଡ଼ିଶା ତଥା ଓଡ଼ିଶାବାସୀଙ୍କ ସ୍ୱାର୍ଥର ସୁରକ୍ଷା ପ୍ରତିଫଳିତ ହେଉ ନାହିଁ। କେନ୍ଦ୍ର ବଜେଟ ଠାରୁ ଆରମ୍ଭ କରି ରେଳ ବଜେଟ, ପୋଲାବରମ, ମହାନଦୀ, ପୂର୍ବତଟ ରେଳ, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଆଦି ବିଭିନ୍ନ କ୍ଷେତ୍ରରେ ଓଡିଶାର ସ୍ୱାର୍ଥ ଉପେକ୍ଷିତ। ସେହିପରି ଧାନ ସଂଗ୍ରହ ପ୍ରକ୍ରିୟା, ଅଦିନିଆ ବର୍ଷା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ, ଆର୍ଥିକ କୁପରିଚାଳନା ତଥା ମିଶନ ଶକ୍ତି ଗୋଷ୍ଠୀଙ୍କ ସମସ୍ୟା ଆଇନ ଶୃଙ୍ଖଳା ଆଦି ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଅପାରଗତା ଜନ ଅସନ୍ତୋଷ ସୃଷ୍ଟି କରିଛି ବୋଲି ନବୀନ କହିଥିଲେ।

ଅଧିବେଶନ ପୂର୍ବରୁ ବସିଲା କଂଗ୍ରେସ ବିଧାୟକ ଦଳ ବୈଠକ ବସିଛି। ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ହୋଇଛି ରଣନୀତି। ମଣ୍ଡିରୁ ଧାନ ନ ଉଠିବା, କଟନୀ ଛଟନୀ, କଣାସରେ ହଇଜା ବ୍ୟାପିବା, ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ବାରବାଟୀ ଅବ୍ୟବସ୍ଥା, ବେକାରୀ, ସୀମା ବିବାଦ, ଭଳି ପ୍ରସଙ୍ଗ ଏହା ସହିତ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତି ରଖିନଥିବା, ୩୦୦ୟୁନିଟ ପର୍ଯ୍ୟନ୍ତ ବିଜୁଳି ବିଲ ଛାଡ଼ କରିବା ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିବ କଂଗ୍ରେସ ବୋଲି ସୂଚନା ଦେଇଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ।

# ଆପାର୍ଟମେଣ୍ଟ ବିକ୍ରି, କିଣା ଉପରେ ରହିତାଦେଶ

**ଭୁବନେଶ୍ୱର, ୧୨।୨ (ମହାଭାରତ) :** ପୁଣି ଥରେ ଫ୍ଲାଟ କିଣାବିକା ନେଇ ଦ୍ୱନ୍ଦ ସୃଷ୍ଟି ହୋଇଛି। ନିକଟରେ ଏହି ଦ୍ୱନ୍ଦକୁ ହଟାଇବା ପାଇଁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ସେଥିରେ ସେ ରେରା ଗଠନ ପୂର୍ବରୁ ଯେଉଁ ଆପାର୍ଟମେଣ୍ଟ ନିର୍ମାଣ ହୋଇଥିବା ତାହା କିଣାବିକା ହୋଇପାରିବ। ଏ ନେଇ ବିଭାଗ ସମସ୍ତ ରେଜଷ୍ଟ୍ରିଂ ଅଫିସକୁ ଅବଗତ କରାଇଥିଲେ। ହେଲେ ସେହି ବିଜ୍ଞପ୍ତି ଉପରେ ଆଜି ହାଇକୋର୍ଟ ରହିତାଦେଶ ଜାରୀ କରିଛନ୍ତି। ଫଳରେ ସରକାର ଯେଉଁ ନିଷ୍ପତି କରିଥିଲେ ତାହା ଆଉ କାର୍ଯ୍ୟକାରୀ ହୋଇପାରିବ ନାହିଁ। ପରବର୍ତ୍ତି ଶୁଣାଣି ହେବା ପରେ ଯାହା ନିଷ୍ପତି ହେବ ବୋଲି ଜଣାପଡିଛି। ଆସନ୍ତା ୧୯ ତାରିଖରେ କୋର୍ଟ ପରବର୍ତ୍ତି ଶୁଣାଣି କରିବେ ବୋଲି ଦିନ ଧାର୍ଯ୍ୟ କରିଛନ୍ତି। ତେବେ ଗୃହ ଓ ନଗର ଉନ୍ନୟନ ବିଭାଗର ଏକ ନିର୍ଦ୍ଦିଷ୍ଟ ସ୍ୱଷ୍ଟ ନିତି ନ ଥିବାରୁ କୋର୍ଟ ଖପ୍ପା ହୋଇଛନ୍ତି।

# ୮୦୫ ଆପ୍, ୩ ହଜାର ୨୬୬ ୱେବସାଇଟ ବ୍ୟାନ

**ନୂଆଦିଲ୍ଲୀ, ୧୨।୨ (ଏଜେନ୍ସି):** ଦେଶରେ ୮୦୫ଟି ଆପ୍ସକୁ ବ୍ୟାନ କରିଛନ୍ତି ଭାରତ ସରକାର। ଏଥିସହ ୩ ହଜାର ୨୬୬ଟି ୱେବସାଇଟକୁ ମଧ୍ୟ ବନ୍ଦ କରିଛନ୍ତି। ଏହି ଆପ୍ସ ଏବଂ ୱେବସାଇଟ ଆଉ ଭାରତରେ ଚଳିବନି। ୟୁଜର୍ସ ଏହି ସମସ୍ତ ଆପ୍ ଓ ୱେବସାଇଟକୁ ଚଲାଇବା ପାଇଁ ସକ୍ଷମ ହେବେନାହିଁ। ଜାତୀୟ ସୁରକ୍ଷା କାରଣରୁ ଭାରତ ସରକାର ଏହି ଆପ୍ସ ଏବଂ ୱେବସାଇଟକୁ ବ୍ୟାନ କରିଛନ୍ତି।

ସଂସଦୀୟ ସମିତି ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏ ନେଇ ସୂଚନା ଜାରି କରିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏକ ସଂସଦୀୟ କମିଟିକୁ ସୂଚନା ଦେଇଛନ୍ତି ଯେ, ଜାତୀୟ ସୁରକ୍ଷା କାରଣରୁ ଏପର୍ଯ୍ୟନ୍ତ ୮୦୫ ଟି ମୋବାଇଲ୍ ଆପ୍ଲିକେସନ୍ ଏବଂ ୩ ହଜାର ୨୬୬ ୱେବସାଇଟ୍ ଲିଙ୍କ୍ ଅବରୋଧ କରାଯାଇଛି।

ଏଠାରେ 'ସାଇବର ସୁରକ୍ଷା ଏବଂ ସାଇବର ଅପରାଧ' ଉପରେ ଗୃହ ବ୍ୟାପାର ଉପରେ ସଂସଦୀୟ ପରାମର୍ଶଦାତା କମିଟିର ଏକ ବୈଠକକୁ ସମ୍ବୋଧିତ କରିବା ବେଳେ ଶାହା କହିଛନ୍ତି ଯେ, ଆରବିଆଇ ଏବଂ ସମସ୍ତ ବ୍ୟାଙ୍କ ସହ ସମନ୍ୱୟ ରକ୍ଷା କରି ସାଇବର ଅପରାଧୀଙ୍କ ଦ୍ୱାରା ଠକେଇ ହୋଇଥିବା ପାଣ୍ଠି ପାର୍କରେ ବ୍ୟବହୃତ ହେଉଥିବା ଆକାଉଣ୍ଟ ଚିହ୍ନଟ ପାଇଁ ଏକ ସିଷ୍ଟମ ତିଆରି କରାଯିବ। ଏହା ଆକାଉଣ୍ଟଗୁଡ଼ିକ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଏହାକୁ ବନ୍ଦ କରାଯିବ। ଅମିତ ଶାହଙ୍କ କହିବାନୁସାରେ, ଇଣ୍ଡିଆନ୍ ସାଇବର କ୍ରାଇମ୍ କୋର୍ଡିନେସନ୍ ସେଣ୍ଟର ଓ-୪ଓ ପୋର୍ଟଲରେ ୧ ଲକ୍ଷ ୪୩ ହଜାର ମାମଲା ରୁଜୁ ହୋଇଛି ଏବଂ ୧୯ କୋଟିରୁ ଅଧିକ ଲୋକ ଏହି ପୋର୍ଟଲର ବ୍ୟବହାର କରିଥିଲେ। ରାଷ୍ଟ୍ରୀୟ ସୁରକ୍ଷା କାରଣରୁ ଏହିସବୁ ଆପ୍ ଓ ୱେବସାଇଟକୁ ବ୍ଲକ୍ କରିଦିଆଯାଇଛି। ଯାଞ୍ଚ ବେଳେ ୬ ଲକ୍ଷରୁ ଅଧିକ ସନ୍ଦିଗ୍ଧ ଡାଟାକୁ ଚିହ୍ନଟ କରାଯାଇଛି। ଯେଉଁଥିରେ ୨ ହଜାର ୩୮ କୋଟି ଟଙ୍କାର ସନ୍ଦିଗ୍ଧ ଲେଣଦେଣ ଉପରେ ମଧ୍ୟ ରୋକ୍ ଲଗାଯାଇଛି। ଗୃହମନ୍ତ୍ରୀଙ୍କ କହିବାନୁସାରେ, ସାଇବର ଅପରାଧକୁ ସାମନା କରିବାକୁ ୪ ପ୍ରକାର ରଣନୀତି ଯେପରିକି କନଭରଜେନ୍ସ, କୋର୍ଡିନେସନ୍, କମ୍ୟୁନିକେସନ ଓ କାପାସିଟି ସାମିଲ। ମନ୍ତ୍ରାଳୟ ଓ ଗୃହ ମନ୍ତ୍ରାଳୟର ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ବଢ଼ାଯାଇଥିବାରୁ ଏହା ଫଳରେ ଏକାଧିକ ସୂଚନା ମିଳିପାରିବ।

# 'ଅମୃତ ଅନ୍ନ' ନାମରେ ସ୍ୱତନ୍ତ୍ର ପ୍ରକଳ୍ପ ପ୍ରସ୍ତାବ

**ଭୁବନେଶ୍ୱର, ୧୨।୦୨ (ମହାଭାରତ):** ଶ୍ରୀମହାପ୍ରସାଦ ପ୍ରସ୍ତୁତିରେ ଜୈବିକ ଚାଉଳର ବ୍ୟବହାର ନେଇ ଏକ ପରାମର୍ଶ ବୈଠକ କୃଷି ଭବନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀମନ୍ଦିର ମହାପ୍ରସାଦରେ ଜୈବିକ ଚାଉଳର ବ୍ୟବହାର ନେଇ ଆଲୋଚନା ହୋଇଥିଲା।



ମହାପ୍ରସାଦକୁ ରସାୟନମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଶ୍ରୀମନ୍ଦିରର ମହାପ୍ରସାଦରେ ଜୈବିକ ଚାଉଳ ଏବଂ ପନିପରିବାର ବ୍ୟବହାର ନିଷ୍ପତ୍ତିକୁ ସୁଆର-ମହାସୁଆର ନିଯୋଗ ତଥା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ସର୍ବଦା ଜୈବିକ କୃଷିକୁ ସମର୍ଥନ ଦେଇ ଆସିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଶ୍ରୀମନ୍ଦିର କୋଠଭୋଗରେ ଏହି ଜୈବିକ ଚାଉଳର ବ୍ୟବହାର କରାଯିବ। ଏଥି ସହ ଶ୍ରୀଗୁଣ୍ଡିଚା ସମୟରେ ସମ୍ପୂର୍ଣ୍ଣ ଲାଗି ହେଉଥିବା ଭୋଗରେ ଜୈବିକ ଚାଉଳ ଓ ପନିପରିବା ବ୍ୟବହାର ହେବା ପାଇଁ ପ୍ରସ୍ତାବ ରହିଛି। 'ଅମୃତ ଅନ୍ନ' ନାମରେ ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ଜୈବିକ ଅନ୍ନରୁ ପ୍ରସ୍ତୁତ ମହାପ୍ରସାଦ ଆନନ୍ଦବଜାରରେ ଭକ୍ତଙ୍କ ପାଇଁ ଉପଲବ୍ଧ ହେବ। ଏଥି ପାଇଁ ଆନନ୍ଦବଜାରରେ ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯିବାର ପ୍ରସ୍ତାବ ରହିଛି।

ପ୍ରାରମ୍ଭିକ ଭାବେ ରାଜ୍ୟରେ ଉତ୍ପାଦିତ ହେଉଥିବା କଳାଜୀରା, ପିମ୍ପୁଡ଼ିବାସ, ଯୁବରାଜ ଆଦି ଜୈବିକ ଚାଉଳ ଦେଶୀୟ ପ୍ରଜାତିର ଜୈବିକ ଧାନ ଏହି 'ଅମୃତ ଅନ୍ନ' ମହାପ୍ରସାଦରେ ବ୍ୟବହୃତ ହେବ। ଏଥି ମଧ୍ୟରୁ କଳାଜୀରା ଧାନ ଜିଆଇ ଟ୍ୟାଗ୍ (ଭୌଗୋଳିକ ସୂଚକାଙ୍କ)ରେ ସ୍ଥାନିତ ହୋଇସାରିଛି। ସଂପ୍ରତି ଓଡ଼ିଶା ଚାଉଳ ଉତ୍ପାଦକତାରେ ଜାତୀୟ ହାରଠାରୁ ଆଗରେ ରହିଛି। ଚଳିତ ବର୍ଷ କୋରାପୁଟର ୧୩୬୫ ଏକର ଜମିରେ କଳାଜୀରା ଚାଉଳ ଚାଷ ହୋଇଛି ଏବଂ କୋଟପାଡ଼ଠାରେ ପ୍ରଥମ ଥର ପାଇଁ କଳାଜୀରା ଧାନର ମଣ୍ଡି ଖୋଲାଯାଇଛି।

# ନବ ଦାସ ହତ୍ୟା: ଜନସ୍ୱାର୍ଥ ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କଲେ ହାଇକୋର୍ଟ

**କଟକ, ୧୨।୨ (ମହାଭାରତ):** ପୂର୍ବତନ ମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ମାମଲାର ସିବିଆଇ ତଦନ୍ତ ପ୍ରସଙ୍ଗ ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ନବ ଦାସଙ୍କୁ ଗୁଳି ମାରି ହତ୍ୟା କରାଯିବା ଘଟଣା ସଂପର୍କିତ ଫୌଜଦାରୀ ମାମଲା ଓ ତଦନ୍ତର ସ୍ଥିତି ନେଇ ଅବଗତ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଏ ସଂପର୍କିତ ତଥ୍ୟ ଲିଖିତ ଆକାରରେ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଫେବୃଆରି ୧୯କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ସାମାଜିକ କର୍ମୀ ପିନାକପାଣି ମହାନ୍ତିଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଫେବୃଆରି ୧୯କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛିଙ୍



ଆବେଦନକାରୀଙ୍କ ତରଫରୁ ଦାୟର ମାମଲରେ ଦର୍ଶାଯାଇଛି ଯେ ଓଡ଼ିଶାରେ ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ଦିନ ଦୁଇ ପ୍ରହରରେ ହତ୍ୟା କରାଗଲା ନବ ଦାସଙ୍କୁ କଣ ପାଇଁ ଓ କେଉଁ ପରିସ୍ଥିତିରେ ହତ୍ୟା କରାଯାଇଥିଲା ତାହାର ଉତ୍ତର କ୍ରାଇମବ୍ରାଞ୍ଚ ତଦନ୍ତରୁ ମିଳି ନାହିଁ। ନବ ଦାସଙ୍କ ହତ୍ୟା ଘଟଣାର ସିବିଆଇ ଦ୍ୱାରା ତଦନ୍ତ କରାଗଲେ। ସତ ପଦାକୁ ଆସିବ। ତେଣୁ ଏହି ଘଟଣାର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଉ ଏଥି ସହିତ ୨୦୧୪ ନିର୍ବାଚନ ବେଳେ ବିଜେଡି ବ୍ୟାଙ୍କ ଖାତାକୁ କୋଟି କୋଟି ଟଙ୍କା ସନ୍ଦିଗ୍ଧ ପାଣ୍ଠିରୁ ଆସିଥିଲା ବିଭିନ୍ନ ଚିଟଫଣ୍ଡ ସ୍କାମରେ ବିଜେଡି ସଭାପତି ଓ ଅନ୍ୟ ନେତାଙ୍କ ଭୂମିକା ମଧ୍ୟ ଯାଞ୍ଚ କରାଯିବା ଉଚିତ। ଏହି ଦୁଇ ଘଟଣାର ସିବିଆଇ ତଦନ୍ତ ପାଇଁ ଆବେଦନରେ ପ୍ରାର୍ଥନା କରାଯାଇଛି। ଏଥି ସହିତ ପରୀ ଦୁଷ୍କର୍ମ ଓ ହତ୍ୟା, ମମିତା ମେହେର ଓ ମନ୍ତ୍ରୀ ନବ ଦାସଙ୍କ ହତ୍ୟାୟା ଘଟଣାରେ କ୍ରାଇମବ୍ରାଞ୍ଚର ପୂର୍ବତନ ଜଣେ ଆଇପିଏସ ଅଧିକାରୀ ଦାଖଲ କରିଥିବା ରିପୋର୍ଟର ସିବିଆଇ ଯାଞ୍ଚ କରିବା ଆବଶ୍ୟକ ଏହି ସବୁ ରିପୋର୍ଟକୁ ନେଇ ସନ୍ଦେହ ରହିଛି ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଛି ମାମଲାରେ କେନ୍ଦ୍ର, ରାଜ୍ୟ ସରକାର, ପୁଲିସ ଡିଜି, ସିବିଆଇ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ସିବିଆଇ ଓ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରାଯାଇଛି ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସୂଯଜିତ ମୁଖାର୍ଜୀ ମାମଲା ପରିଚାଳନା କରୁଛନ୍ତି।

## ଶିଖ୍ ବିରୋଧୀ ଦଙ୍ଗା ମାମଲା

# ସଜ୍ଜନ କୁମାର ଦୋଷୀ ସାବ୍ୟସ୍ତ

**ନୂଆଦିଲ୍ଲୀ, ୧୨।୨ (ଏଜେନ୍ସି):** ଶିଖ ବିରୋଧୀ ଦଙ୍ଗା ମାମଲାରେ କଂଗ୍ରେସ ନେତା ସଜ୍ଜନ କୁମାରଙ୍କୁ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ହତ୍ୟା ମାମଲାରେ ସଜ୍ଜନ କୁମାରଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ମିଳିଥିବା ସୂଚନା ମୁତାବକ, ଏବେ ଏହି ମାମଲାରେ ୧୮ ଫେବୃଆରୀରେ ଦଣ୍ଡ ଘୋଷଣା କରାଯିବ। ଜାଣିରଖିବା ଉଚିତ ଯେ, ଏହି ମାମଲା ସରସ୍ୱତୀ ବିହାରରେ ହୋଇଥିବା ବାପା ଏବଂ ପୁଅଙ୍କ ହତ୍ୟା ସହିତ ଜଡିତ, ସଜ୍ଜନ କୁମାର ବର୍ତ୍ତମାନ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି। ତେବେ ୧୯୮୪ ଶିଖ ବିରୋଧୀ ଦଙ୍ଗା ମାମଲାରେ ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କ ଦୋଷୀ ସାବ୍ୟସ୍ତ ହେବା ଉପରେ ଦିଲ୍ଲୀ ଶିଖ ଗୁରୁଦ୍ୱାର ପରିଚାଳନା କମିଟିର ସାଧାରଣ ସମ୍ପାଦକ ଜଗଦୀପ ସିଂହ କହିଛନ୍ତି, ୪୦ ବର୍ଷ ପୂର୍ବେ ଶିଖ ହତ୍ୟାକାଣ୍ଡର ନେତୃତ୍ୱ ନେଇଥିବା ସଜ୍ଜନ କୁମାରଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି ଏବଂ ତାଙ୍କୁ ଦଣ୍ଡ ଦିଆଯିବ। ଏଥିପାଇଁ ମୁଁ କୋର୍ଟକୁ ଧନ୍ୟବାଦ ଦେଉଛି। କ୍ଷମତାକୁ ଆସିବା ପରେ ଏସ୍‌ଆଇଟି ଗଠନ କରିବା ପାଇଁ ମୁଁ ପ୍ରଧାନମନ୍ତ୍ରୀ ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଧନ୍ୟବାଦ ଦେଉଛି। ଏହାବନ୍ଦ ହୋଇଥିବା ମାମଲାର ପୁନଃ ତଦନ୍ତର ଫଳାଫଳ। ଆମେ ଆଶା କରୁଛୁ ଯେ ଜଗଦୀଶ ଟାଇଟଲର ମାମଲାରେ ମଧ୍ୟ ଆମେ ନ୍ୟାୟ ପାଇବୁ।

ସେପଟେ ବିଜେପି ନେତା ମଞ୍ଜିନ୍ଦର ସିଂହ ସିରସା କହିଛନ୍ତି ଯେ ଆଜି ସଜ୍ଜନ କୁମାରଙ୍କୁ ଶିଖ ବିରୋଧୀ ଦଙ୍ଗା ସହିତ ଜଡିତ ଆଉ ଏକ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି। କୋର୍ଟ ତାଙ୍କୁ ଦୋଷୀ ବୋଲି କହିଥିଲେୟ ସେମାନେ ନରସଂହାର କରିଥିଲେ। କଂଗ୍ରେସର ସମସ୍ତ ପାପ ସାମ୍ନାକୁ ଆସୁଛିୟ ମୁଁ ଦେଶର ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି ଯିଏ ଏସ୍‌ଆଇଟ ଗଠନ କରିଥିଲେ ଏବଂ ଏହିଲୋକମାନଙ୍କୁ ଜେଲରେ ରଖିଥିଲେ। ଭଗବାନ ଆଜି ନ୍ୟାୟ ଦେଲେ।

# ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସହ ୧୦ ପ୍ରସଙ୍ଗରେ ମୋଦୀଙ୍କ ଆଲୋଚନା

**ନୂଆଦିଲ୍ଲୀ, ୧୨।୨ (ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ୍‌ଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ଆଲୋଚନା ହୋଇଛି। ପ୍ରଯୁକ୍ତି ବିଦ୍ୟା ଏବଂ ଉଦ୍ଭାବନ, ବେସାମରିକ ଅଣେବିକ ଶକ୍ତି, ଦ୍ୱିପାକ୍ଷିକ ସହଯୋଗ, ପରିବେଶ, ସଂସ୍କୃତି ଏବଂ ଲୋକମାନଙ୍କ ମଧ୍ୟରେ ସମ୍ପର୍କ କ୍ଷେତ୍ରରେ ୧୦ଟି ଫଳାଫଳ ଚୂଡ଼ାନ୍ତ (ତାଲିକା ସହ ସଂଯୁକ୍ତ) ହୋଇଥିଲା।

ଗତକାଲି ଫ୍ରାନ୍ସ ରାଷ୍ଟ୍ରପତିଙ୍କ ବିମାନରେ ପ୍ୟାରିସରୁ ମାର୍ସେଲିକୁ ଏକାଠି ଉଡାଣ ଭରିଥିଲେ, ଯାହା ଦୁଇ ନେତାଙ୍କ ବ୍ୟକ୍ତିଗତ ସମ୍ପର୍କକୁ ପ୍ରତିଫଳିତ କରିଥିଲା। ଉଭୟ ବିଶ୍ୱ ନେତା ଦ୍ୱିପାକ୍ଷିକ ସମ୍ପର୍କର ସମ୍ପୂର୍ଣ୍ଣ ଦିଗ ଏବଂ ଗୁରୁତ୍ୱପୂର୍ଣ୍ଣ ବୈଶ୍ୱିକ ଏବଂ ଆଞ୍ଚଳିକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହାପରେ ମାର୍ସେଲିରେ ପହଞ୍ଚିବା ପରେ ପ୍ରତିନିଧି ସ୍ତରୀୟ ଆଲୋଚନା ହୋଇଥିଲା। ଗତ ୨୫ ବର୍ଷ ମଧ୍ୟରେ କ୍ରମାଗତ ଭାବରେ ଏକ ବହୁମୁଖୀ ସମ୍ପର୍କରେ ବିକଶିତ ହୋଇଥିବା ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ରଣନୈତିକ ଭାଗିଦାରୀ ପ୍ରତି ଉଭୟ ନେତା ସେମାନଙ୍କର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଇଥିଲେ।

ଭାରତ-ଫ୍ରାନ୍ସ ରଣନୈତିକ ଭାଗିଦାରୀର ସମସ୍ତ ଦିଗ ଉପରେ ଆଲୋଚନା ହୋଇଥିଲା ଉଭୟ ନେତା ପ୍ରତିରକ୍ଷା, ବେସାମରିକ ପରମାଣୁ ଶକ୍ତି ଏବଂ ମହାକାଶ ଭଳି ରଣନୈତିକ କ୍ଷେତ୍ରରେ ସହଯୋଗର ସମୀକ୍ଷା କରିଥିଲେ। ପ୍ରଯୁକ୍ତି ବିଦ୍ୟା ଏବଂ ଉଦ୍ଭାବନ କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ଉପରେ ମଧ୍ୟ ସେମାନେ ଆଲୋଚନା କରିଥିଲେ।



ନିକଟରେ ଶେଷ ହୋଇଥିବା ଏଆଇ ଆକ୍ସନ ଶିଖର ସମ୍ମିଳନୀ ଏବଂ ୨୦୨୬ରେ ଭାରତ-ଫ୍ରାନ୍ସ ଇନୋଭେସନ ବର୍ଷ ପରିପ୍ରେକ୍ଷୀରେ ଭାଗିଦାରୀର ଏହି କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଉଭୟ ନେତା ବାଣିଜ୍ୟ ଓ ପୁଞ୍ଜିନିବେଶ ସମ୍ପର୍କ ବୃଦ୍ଧି ପାଇଁ ଆହ୍ୱାନ ଦେବା ସହ ଏ ସଂକ୍ରାନ୍ତରେ ୧୪ତମ ଭାରତ-ଫ୍ରାନ୍ସ ସିଇଓ ଫୋରମର ରିପୋର୍ଟକୁ ସ୍ୱାଗତ କରିଛନ୍ତି।

ଚତୁର୍ଦ୍ଦଶ ଭାରତ-ଫ୍ରାନ୍ସ ସିଇଓ ଫୋରମରେ ଉଭୟ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ମିଳିତ ଭାବେ ଉଦବୋଧନ ଦେଇଛନ୍ତି। ଏହି ଫୋରମରେ ଉଭୟ ପକ୍ଷର ବିଭିନ୍ନ କମ୍ପାନୀର ଏକାଧିକ ସିଇଓ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରତିରକ୍ଷା, ମହାକାଶ, ବିକଶିତ ପ୍ରଯୁକ୍ତି ବିଦ୍ୟା, ଭିତ୍ତିଭୂମି, କୃତ୍ରିମ ବୁଦ୍ଧିମତା, ଜୀବ ବିଜ୍ଞାନ, ଜୀବନଶୈଳୀ, ଖାଦ୍ୟ ଓ ଆତିଥେୟତା ପରି ବିଭିନ୍ନ ବିଭାଗ ଉପରେ ଆଲୋକପାତ କରାଯାଇଥିଲା।

ଭାରତ ଓ ଫ୍ରାନ୍ସ ଭିତରେ ରହିଥିବା ବାଣିଜ୍ୟିକ ସମ୍ପର୍କ ଓ ଆର୍ଥିକ ସହାୟତା ଉପରେ ନିଜ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ। ପୁଞ୍ଜି ନିବେଶ କ୍ଷେତ୍ରରେ ଭାରତର ଲୋକପ୍ରିୟ ବୈଶ୍ୱିକ ଭାବମୂର୍ତ୍ତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ। ସଦ୍ୟ ଉପସ୍ଥାପିତ ହୋଇଥିବା ବଜେଟର ବିଭିନ୍ନ ସଂସ୍କାରଧର୍ମୀ ଘୋଷଣା ଅନୁସାରେ ବୀମା କ୍ଷେତ୍ରରେ ଭାରତରେ ଶତ ପ୍ରତିଶତ ପୁଞ୍ଜି ନିବେଶ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏସଏମଆର ଓ ଏଏମଆର ଯାନ୍ତ୍ରିକ ବିଦ୍ୟା ସହ ବେସାମରିକ ଆଣବିକ ଶକ୍ତି କ୍ଷେତ୍ରରେ ଘରୋଇ ପ୍ରବେଶ, ଉତ୍ପାଦଗୁଡ଼ିକର ମୂଲ୍ୟରେ ସରଳୀକରଣ, ଭଲ ଜୀବନଧାରଣ ପାଇଁ ସରଳୀକୃତ ଆୟକର କୋଡ ପ୍ରଚଳନ ପରି ବିଭିନ୍ନ ଦିଗ ଉପରେ ଏହି ଅବସରରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ। ବିଭିନ୍ନ ଆର୍ଥିକ ସଂସ୍କାର ଉପରେ ପ୍ରାଧାନ୍ୟ ଦେଇ ତାଙ୍କ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଗତ କିଛି ବର୍ଷ ଭିତରେ ଏପ୍ରକାର ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟ କରାଯାଇଥିବା ଉଲ୍ଲେଖ କରାଯାଇଛି। ପ୍ରତିରକ୍ଷା, ଶକ୍ତି, ଜାତୀୟ ରାଜପଥ, ବେସାମରିକ ବିମାନ ଚଳାଚଳ, ମହାକାଶ, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ଭାରତର ପ୍ରଗତି ପ୍ରତି ଫରାସୀ କମ୍ପାନୀଗୁଡ଼ିକ ଦୃଷ୍ଟି ଦେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। କୃତ୍ରିମ ବୁଦ୍ଧିମତା, ସେମି କଣ୍ଡକ୍ଟର, କ୍ୱାଂଟମ, ଖଣି ଓ ହାଇଡ୍ରୋଜେନ ମିଶନ ପରି କ୍ଷେତ୍ରରେ ଭାରତର ଦକ୍ଷତା ଓ ବୈଶ୍ୱିକ ପ୍ରଶଂସା ପ୍ରତି ବିଶେଷ ଦୃଷ୍ଟି ଦେବାକୁ ଫରାସୀ ଉଦ୍ୟୋଗପତିଙ୍କୁ ପ୍ରଧାନମନ୍ତ୍ରୀ କହିଛନ୍ତି। ଏସବୁ କ୍ଷେତ୍ରରେ ଉଭୟ ଦେଶର ଗବେଷଣା, ପୁଞ୍ଜି ନିବେଶ ଓ ଯାନ୍ତ୍ରିକ ସହଭାଗିତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏହି ସିଇଓ ଫୋରମକୁ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ. ଜୟଶଙ୍କର, ଫ୍ରାନ୍ସ ପ୍ରତିପକ୍ଷ ଜିନ ନୋଏଲ ବାରୋଟ ଏବଂ ଫ୍ରାନ୍ସର ଶିଳ୍ପ ଓ ଅର୍ଥମନ୍ତ୍ରୀ ଏରିକ ଲମ୍ବାର୍ଡ ପ୍ରମୁଖ ସମ୍ବୋଧନ କରିଥିଲେ।

## ଛେନା ପୁର ମଣ୍ଡା ପିଠା

**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥରେ ଅରୁଆ ଚାଉଳକୁ ପାଣିରେ ଭିଜାଇ ରଖନ୍ତୁ। କିଛି ଘଂଟା ପରେ ଏହାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ଏହାକୁ ଏକ ପାତ୍ରରେ ରଖନ୍ତୁ। ଏହା ପରେ ପୁର ପ୍ରସ୍ତୁତ କରିବା ପାଇଁ ନଡ଼ିଆ କୋରି ଦିଅନ୍ତୁ। ଗ୍ୟାସରେ କଡ଼େଇ ବସାଇ ନଡ଼ିଆ କୋରା, ଚିନି, ଛେନା ଏବଂ ଗୁଜୁରାତି ଗୁଣ୍ଡ ପକାଇ ଭାଜି ଦିଅନ୍ତୁ। ଆପଣ ଏଠାରେ ଚାହିଁଲେ ଚିନି ଜାଗାରେ ଗୁଡ଼ ମଧ ପକାଇ ପାରିବେ। ଏହାପରେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରନ୍ତୁ। ସେଥିରେ ଆବଶ୍ୟକ ଅନୁସାରେ ଲୁଣ ପକାନ୍ତୁ। ପାଣି ଫୁଟିଯିବା ପରେ ଚାଉଳ ଚୂନା ପକାନ୍ତୁ ଓ ତାକୁ ଭଲ ଚଲାନ୍ତୁ। ଜନ୍ତା ପ୍ରସ୍ତୁତି ହୋଇଯିବା ପରେ କଡ଼େଇକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଜନ୍ତା ସାମାନ୍ୟ ଥଣ୍ଡା ହେବା ପରେ ସେଥିରେ ପୂର ଦେଇ ଗୋଲ ଗୋଲ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରି କରନ୍ତୁ। ପାଣି ଫୁଟିଯିବା ପରେ ସେଗୁଡ଼ିକୁ ସେଥିରେ ପକାନ୍ତୁ। କିଛି ସମୟ ପରେ ସେଗୁଡ଼ିକୁ ପାଣିରୁ କାଢ଼ି ଆଣନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ପୁର ଦିଆ ମଣ୍ଡାପିଠା।



ଖବର

# ଫେବୃୟାରୀ ୧୭ରୁ ଜୀସାର୍ଥକର ନୂଆ ଧାରାବାହିକ ସାଥୀ ସାତ ଜନ୍ମର



ଓଡିଶାର ଘରେ ଘରେ ପରିଚିତ ଜୀ ସାର୍ଥକ ସବୁବେଳେ ଓଡ଼ିଆ ଘରର ପରମ୍ପରା ଓ ରୀତିନୀତିକୁ ଆଖିଆଗରେ ରଖି ଭେଟିଦିଏ ବିଭିନ୍ନ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଓ ଧାରାବାହିକ । ଏହି ଧାରାରେ ଆଉ ଏକ ନୂଆ ଧାରାବାହିକ ସାଥୀ ସାତ ଜନ୍ମର ନେଇଆସିଛି ଜୀ ସାର୍ଥକ । ପରିବାର ପାଇଁ ବଞ୍ଚୁଥିବା ଝିଅ ଅର୍ଚ୍ଚନା ଓ ନିଜ ପରିବାରକୁ ନିଜ ଦୁନିଆ ଭାବୁଥିବା ଦେବର କାହାଣୀକୁ ଦର୍ଶାଇବ ଏହି ଧାରାବାହିକ। ଦର୍ଶକେ ଫେବୃଆରୀ ୧୭ ତାରିଖ ସଂଧ୍ୟା ୭ ରେ ଏହି ଧାରାବାହିକକୁ ଜୀ ସାର୍ଥକରେ ଦେଖିବାକୁ ପାଇବେ।ନିଜ ପରିବାର ପାଇଁ ସମାନ ଭାବନା ରଖୁଥିବା ଅର୍ଚ୍ଚନା ଓ ଦେବ ଦେଖାହୋଇ ପ୍ରେମରେ ପଡନ୍ତି ଓ ବିବାହ ବନ୍ଧନରେ ବାନ୍ଧି ହୋଇଯାନ୍ତି କିନ୍ତୁ ଅଳ୍ପ ଦିନରେ ତାଙ୍କ ଖୁସିରେ ଲାଗେ ବିରାମୟ ଏହାର କାରଣ ସାଜନ୍ତି ଦେବଙ୍କ ମା ସବିତା , ସେ ନିଜ ଧନ ସ ଂ ପ □˜ ର ପା ର୍ି ବା ପ ଣ ଅ । ଦେଖାଉଥିବା ବେଳେ ଏହି ପରିସ୍ଥିତିରେ ଅର୍ଚ୍ଚନା ମାଙ୍କ ମନରେ ନିଜ ଝିଅର ଭବିଷ୍ୟତ ଚିନ୍ତା ଘାରିଥାଏ। ପାରିବାରିକ ପରିସ୍ଥିତି ଉଭୟଙ୍କୁ ଅଲଗା କରିଦିଏ ସତ କିନ୍ତୁ ତାଙ୍କର ଏହି ଯାତ୍ରା ଅନେକଗୁଡିଏ ସ୍ମୃତି ଓ ପ୍ରତିଜ୍ଞାକୁ ପଛରେ ଛାଡିଯାଏ।ଏକ ଭିଓ ଧରଣର କାହାଣୀକୁ ନେଇ ଜୀସାର୍ଥକ ପ୍ରସ୍ତୁତ ଧାରାବାହିକଟି ଦର୍ଶକମାନଙ୍କ ମନକୁ ବେଶ୍ ପାଇବ। 'ସୁନା ଝିଅ' ଧାରାବାହିକର ମୁଖ୍ୟ ଅଭିନେତା ମାନସ ଓ ଅନେକ ଧାରାବାହିକରେ ଅଭିନୟ ପରାକାଷ୍ଠା ଦେଖାଇଥିବା ଅଭିନେତ୍ରୀ ତେଜସ୍ୱିନୀ ଏହି ଧାରାବାହିକରେ ଅଭିନୟ କରୁଛନ୍ତି। ଆଶା ଅନ୍ୟ ଧାରାବାହିକ ପରି ଭଲପାଇବା ଓ ଆର୍ଶୀବାଦ ଦର୍ଶକମାନେ ଦେବେୟ ମା ଓ ଝିଅର ସଂପର୍କ, ସ୍ୱାମୀ ସ୍ତ୍ରୀର ସମ୍ପର୍କ, ପ୍ରେମ , ତ୍ୟାଗ, ସଙ୍ଘର୍ଷ ସବୁକିଛି କାହାଣୀରେ ଦେଖିବାକୁ ପାଇବେ ଧାରାବାହିକପ୍ରେମୀ। ତେବେ ଦେବ୍ ଓ ଅର୍ଚ୍ଚନା ସବୁ କିଛି ଭୁଲି କଣ ପୁଣି ଏକାଠି ହୋଇପାରିବେ ? ଏହି ପ୍ରଶ୍ନର ଉ□ର ଜାଣିବାକୁ ସାଥୀ ସାତ ଜନ୍ମର ସହିତ ଯୋଡ଼ି ହୋଇ ଧାରାବାହିକକୁ ପ୍ରତ୍ୟେକ ଦିନ ସଂଧ୍ୟା ୭ଟାରେ ଦେଖିବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର୍ ପ୍ରତୀକ ସିଲ୍ ।

## ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ଅଁଳା

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଅଁଳା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ ସହିତ କ୍ୟାଲସିୟମ, ମ୍ୟାଗ୍ନେସିୟମ, ପଲିଫେନାଲ ଓ ଆଇରନ ଭଳି ପୋଷକ ତତ୍ତ୍ୱ ରହିଛି। ଛୋଟ ଛୁଆ ଓ ବୟସ୍କଙ୍କ ପାଇଁ ଅଁଳା ଖୁବ ଉପକାରୀ। ପ୍ରତିଦିନ ଅଁଳା ଖାଇଲେ ସଂକ୍ରମଣର ଭୟ ନଥାଏ। ତେବେ ଆସନ୍ତୁ ଜାଣିବା, ଡାଏଟରେ ଅଁଳାକୁ କିପରି ସାମିଲ କରିପାରିବା।

♦ ବଜାରରେ ମିଳୁଥିବା ଅଁଳା କ୍ୟାଣ୍ଡି ଖାଇ ପାରିବେ। ଏହି କ୍ୟାଣ୍ଡିକୁ ଆପଣ ଚାହିଁଲେ ଘରେ ମଧ ତିଆରିକରି ପାରିବେ। ଏଥିପାଇଁ ପ୍ରଥମେ ଅଁଳାକୁ ସିଝାଇ ଚିନିରେ ପକାଇ ଖରାରେ ଶୁଖାଇ ଦିଅନ୍ତୁ। ଶୁଖିଯିବା ପରେ ଏୟାରଟାଇଟ ଡବାରେ କ୍ୟାଣ୍ଡିକୁ ଭର୍ତ୍ତି କରି ରଖନ୍ତୁ।

♦ ଅଁଳା ଚଟଣି ତିଆରି କରିବା ବହୁତ ସହଜ। ଏଥିପାଇଁ ଚିନି, ଭିନେଗାର ଓ ଗୁଜୁରାତିକୁ ମିଶାଇ ଅଁଳା ଚଟଣି ତିଆରି କରିପାରିବେ। ଆପଣ ଚାହିଁଲେ ଘରେ ଜିରା, ସୋରିଷତେଲ, ମେଥି ଓ ଅନ୍ୟାନ୍ୟ ସାମଗ୍ରୀ ମିଶାଇ ଅଁଳା ଆଚାର ମଧ ପ୍ରସ୍ତୁତ କରିପାରିବେ।

♦ ସେହିପରି ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ପ୍ରତିଦିନ ଗୋଟିଏ ଗ୍ଲାସ ପାଣିରେ ଅଁଳା ରସ ଓ ମହୁ ମିଶାଇ ପିଅନ୍ତୁ। ଏହାଦ୍ୱାରା କେବଳ ରୋଗ ପ୍ରତିରାଧକ ଶକ୍ତି ବୃଦ୍ଧି ହୋଇନଥାଏ, ତ୍ୱଚା ମଧ ସୁସ୍ଥ ରହିଥାଏ।



# ବୈଦିକ ଦାହ ସଂସ୍କାର ପରମ୍ପରା

ମହାଭାରତର ଶାନ୍ତିପର୍ବରେ ଉଲ୍ଲେଖ ରହିଛି ଯେ ଯେଉଁ ବ୍ୟକ୍ତି ସୂର୍ଯ୍ୟଙ୍କ ଉତ୍ତର ଦିଗ ଆଡ଼କୁ ଗମନ (ଉତ୍ତରାୟଣ ହେବା ସମୟରେ) ସମୟରେ ମୃତ୍ୟୁବରଣ କରିଥାଏ କିମ୍ବା ଅନ୍ୟ କୌଣସି ଶୁଭ ନକ୍ଷତ୍ର ଏବଂ ମୂହୂର୍ତ୍ତରେ ମରିଥାଏ ସେ ପୂଣ୍ୟଲାଭ କରି ସ୍ୱର୍ଗ ପ୍ରାପ୍ତି କରେ । ମୃତ୍ୟୁ ଯୁଗ ଯୁଗ ଧରି ଏକ ରହସ୍ୟ ପାଲଟିଛି । ଏହି ରହସ୍ୟ ଆଜି ମଧ ଜାରି ରହିଛି । ବୈଦିକ ପରମ୍ପରାରେ ଥିବା ବିଶ୍ୱାସ ଅନୁଯାୟୀ, ଶରୀର ପଞ୍ଚଭୂତ ଅର୍ଥାତ୍ ଅଗ୍ନି, ବାୟୁ, ଜଳ, ପୃଥିବୀ ଏବଂ ଆକାଶ ତତ୍ତ୍ୱରୁ ସୃଷ୍ଟି ହୋଇଥାଏ । ତେଣୁ ଶରୀରରୁ ଆତ୍ମା ତ୍ୟାଗ କରି ଚାଲିଯିବା ପରେ ହିନ୍ଦୁ ଧର୍ମୀୟ ମାନ୍ୟତା ଅନୁଯାୟୀ, ଶବରେ ଅଗ୍ନି ସଂଯୋଗ କରି ଦାହସଂସ୍କାର କରାଯାଏ । ଏପରି କରିବା ପଛରେ କାରଣଟି ହେଉଛି ବ୍ୟକ୍ତି ମୃତ୍ୟୁବରଣ କରିବା ପରେ ଶରୀରରେ ଥିବା ହାନିକାରକ କୀଟାଣୁ ଅଗ୍ନିରେ ପୋଡ଼ି ହୋଇ ନଷ୍ଟ ହୋଇଯାଆନ୍ତି । ଏହାଦ୍ୱାରା ପରିବେଶ ସୁରକ୍ଷିତ ରହିଥାଏ । ଏଥିସହିତ ଶରୀର ଅଗ୍ନିରେ ଦାହ ହେବା କାରଣରୁ ପୁଣିଥରେ ପଞ୍ଚଭୂତରେ ଲୀନ ହୋଇଯାଏ । ବୈଦିକ କାଳରେ ଶବ ଦାହ କରିବା ସମୟରେ ଅନେକ ମନ୍ତ୍ର



ଉଚ୍ଚାରଣ କରାଯାଉଥିଲା । ଏହିସବୁ ମନ୍ତ୍ର ଅଥର୍ବ ବେଦରେ ଉଲ୍ଲେଖ ରହିଛି । ଚିତା ଜଳାଯିବା ସହିତ ଅଗ୍ନିକୁ ପ୍ରଜ୍ୱଳିତ କରିବା ଲାଗି ଏହିସବୁ ମନ୍ତ୍ର ଉଚ୍ଚାରଣ କରାଯାଉଥିଲା ।

# ତ୍ୱଚା ପାଇଁ କଞ୍ଚାକ୍ଷୀରର ଉପାଦେୟତା





କଞ୍ଚାକ୍ଷୀର ଶରୀର ପାଇଁ ଭଲ ବୋଲି ଆମେ ପିଲାବେଳୁ ଶୁଣି ଆସିଛେ। ଏଥିରେ ଭିଟାମନ୍ ଏ, କ୍ୟାଲସିୟମ୍, ଆଇରନ୍, ପ୍ରୋଟିନ୍, ଫ୍ୟାଟ୍, କୋଲେଷ୍ଟ୍ରଲ୍ ପରି ପୋଷକତତ୍ତ୍ୱ ରହିଛି। କେବଳ ଶରୀର ନୁହେଁ, ତ୍ୱଚକୁ ସୁସ୍ଥ ରଖିବା ପାଇଁ କଞ୍ଚାକ୍ଷୀର ସାହାଯ୍ୟ କରିଥାଏ। ଏହାକୁ ମୁହଁରେ ଲଗାଇଲେ ତ୍ୱଚ ଉଜ୍ଜ୍ୱଳ ହେବା ସହିତ କୋମଳ ହୋଇଥାଏ। ତା'ହେଲେ ଆସନ୍ତୁ ଜାଣିବା ତ୍ୱଚର ସୌନ୍ଦର୍ଯ୍ୟ ପାଇଁ କଞ୍ଚାକ୍ଷୀରକୁ କିପରି ବ୍ୟବହାର କରାଯାଇପାରିବ।

୧. ଅମୃତଭଣ୍ଡା ଓ କଞ୍ଚାକ୍ଷୀରର ମିଶ୍ରଣକୁ ତ୍ୱଚରେ ଲଗାଇଲେ ତ୍ୱଚରେ ନାଚୁରାଲ୍ ଗ୍ଲୋ ଆସିଥାଏ। ଅମୃତଭଣ୍ଡାରେ ଏକ ଏନଜାଇମ୍ ରହିଛି, ଯାହା ଡେଡ୍ ସେଲ୍କୁ ତ୍ୱଚରୁ ବାହାର କରି ବ୍ରଣ ଓ ଦାଗ ସମସ୍ୟା ଦୂର କରିଥାଏ।

୨. ବୟସ ବଢିଲେ ତ୍ୱଚରେ କୁଞ୍ଚନ ଆସିଥାଏ। ଏଥିପାଇଁ ଅମୃତଭଣ୍ଡାରେ କଞ୍ଚାକ୍ଷୀର ମିଶାଇ ମୁହଁରେ ଲଗାନ୍ତୁ। କିଛି ସମୟ ରଖିବା ପରେ ମୁହଁକୁ ପାଣିରେ ଧୋଇ ଦିଅନ୍ତୁ। ଦେଖିବେ ମୁହଁରେ ଉଜ୍ଜ୍ୱଳତା ଆସିବ।

୩. ଧୂଳି ଓ ଧୂଆଁ ଯୋଗୁ ତ୍ୱଚ ମଳିନ ଦିଶିଥାଏ। ଏଥିପାଇଁ କଞ୍ଚାକ୍ଷୀରରେ ମହୁ ମିଶାଇ ମୁହଁରେ ଲଗାନ୍ତୁ। ମହୁ ତ୍ୱଚରେ ଥିବା ଟାନ୍କୁ ସଫା କରିଥାଏ।

୪. ମସୁର ଡ଼ାଲି, ବେସନ ଓ କଞ୍ଚାକ୍ଷୀରକୁ ରାତିରେ ବତୁରାଇ ରଖିଦିଅନ୍ତୁ। ସକାଳେ ଏହାର ପେଷ୍ଟ ପ୍ରସ୍ତୁତ କରି ନିୟମିତ ଭାବରେ ମୁହଁରେ ଲଗାନ୍ତୁ। ଏପରି କଲେ ତ୍ୱଚରେ ଥିବା ଅତିରିକ୍ତ କେଶ ସଫା ହେବା ସହିତ ତ୍ୱଚ ଉଜ୍ଜ୍ୱଳ ହୋଇଥାଏ।



# ଫ୍ୟାଶନରେ ପିଙ୍କ୍ ଆଇ ଲାଇନର

କୁହାଯାଏ ହୃଦୟକୁ ପହଞ୍ଚିବାର ମାଧ୍ୟମ ହେଉଛି ଆଖି। ଏଣୁ ମେକ୍ଅପ ଦୁନିଆରେ ଆଖିକୁ ବା ଆଇ ମେକ୍ଅପକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଠିକ୍ ଭାବେ କରାଯାଇଥିବା ଆଇ ମେକ୍ଅପ୍ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱକୁ ବଦଳାଇଦେଇ ପାରେ। ଯଦି



ଆପଣ ମଧ ଆଖିକୁ ସଜେଇବାକୁ ଭଲ ପାଆନ୍ତି ଆଉ ନିଜ ମେକ୍ଅପରେ କିଛି ଡ୍ରାମା ଭରିଦେବାକୁ ଚାହାନ୍ତି ସେଥିପାଇଁ ମେକ୍ଅପ ପ୍ରେମୀମାନେ ଜାଣନ୍ତି ଯେ, ଠିକ୍ ଆଇ ମେକ୍ଅପ୍ ଆପଣଙ୍କ ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିଥାଏ। କିନ୍ତୁ ଯେତେବେଳ ଡେଲି ମେକ୍ଅପ କଥା ଆସେ, ଆମେ ସେହି ରେଡ୍ ସେଡ୍ ଲିପଷ୍ଟିକ୍, ବ୍ଲାକ୍ ଲାଇନର୍, କାଜଲ୍, ଓ ମସ୍କାରା ଲଗାଇ ନିଅନ୍ତି। ଯଦି ଆପଣ ବି ଏଭଳି ନିତି ଦିନିଆ ମେକ୍ଅପରେ ବୋର୍ ହୋଇଗଲେଣି ତେବେ ଆଜି ପ୍ରସ୍ତୁତ ହୋଇଯାନ୍ତୁ ନିଜ ଆଖିରେ କିଛି ରଙ୍ଗ ମିଶାଇବାକୁ। ଲାଇଟ୍ ପିଙ୍କ୍ ବା ଡାର୍କ ପିଙ୍କ୍ ଆଇଲାଇନର୍ ସହ ନିଜ ମେକ୍ଅପ ଏକ୍ସପେରିମେଣ୍ଟ କରନ୍ତୁ। କେବଳ ବ୍ଲାକ୍ କାହିଁକି ବିଭିନ୍ନ କଲର୍ ସହ ଆପଣ ନିଜର ଆଇ ମେକ୍ଅପ୍ ଏକ୍ସପେରିମେଣ୍ଟ କରିପାରିବେ। ହେଲେ ଆଜିକାଲି ଫ୍ୟାଶନ ଟ୍ରେଣ୍ଡରେ ଚାଲିଛି ପିଙ୍କ୍ ସେଡ୍। ବ୍ଲାକ୍ ଡ୍ରାମା ଆଇ ଲାଇନର ସହ ପିଙ୍କ୍ ଲାଇନର୍ ମିଶାଇ ନିଜ ଆଇ ମେକ୍ଅପରେ ଟିକେ ଅଧିକା ଡ୍ରାମା ଭରିଦେଇପାରିବେ। ଏବେ ଗ୍ରୀଷ୍ମଋତୁ ଆରମ୍ଭ ହୋଇଯାଇଛି। ଏହି ସମୟରେ ଏଭଳି ଆଇ ମେକ୍ଅପ ଆପଣ ଏକ ଗ୍ଲାମର୍ସ ଲୁକ୍ ଦେଇପାରିବ। ଚଳିତବର୍ଷ ପିଙ୍କ ସେଡ୍ ଆଏଲାଇନର୍ ଫ୍ୟାଶନରେ ଟ୍ରେଣ୍ଡ ହେଉଛି। ଆପଣ ନିଜ ତ୍ୱଚାର ସେଡ୍ ଅନୁସାରେ ପିଙ୍କ୍ ଆଇ ଲାଇନର୍ ସେଡ୍ ଚୟନ କରିପାରିବେ। ତେବେ ଫ୍ୟାଶନ୍ ଟ୍ରେଣ୍ଡରେ ଚାଲିଥିବାରୁ ଭିନ୍ନ ଭିନ୍ନ ବ୍ରାଣ୍ଡର ପିଙ୍କ୍ ଆଇ ଲାଇନର୍ ଅନଲାଇନ୍ ଓ ଅଫଲାଇନ୍ ମାର୍କେଟରେ ଆପଣ ପାଇପାରିବେ।

ଯଦି ଆପଣଙ୍କୁ ଡାର୍କ ପିଙ୍କ୍ ସେଡ୍ ପସନ୍ଦ କିନ୍ତୁ ଆପଣ ଡବଲ କୋଟ୍ କରିବାକୁ ଚାହାନ୍ତି ନାହିଁ। ତା'ହେଲେ ସିଙ୍ଗଲ୍ କୋଟ୍ କରି ବ୍ଲୁ ସେଡ୍ କିମ୍ବା ବ୍ଲାକ୍ ସେଡ୍ ଜେଲ୍ ଆଇ ଲାଇନର୍ ସହ ମିଶାଇ ଆପଣ ନିଜ ଆଖିକୁ ଆକର୍ଷଣୀୟ ଲୁକ୍ ଦେଇପାରିବେ। ପିଙ୍କ୍ ଏକ ସଫ୍ଟ କଲର୍ ହୋଇଥିବାରୁ ସମସ୍ତଙ୍କୁ ଭଲ ଲାଗିଥାଏ।

ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା



# କାର୍ଯ୍ୟକ୍ଷେତ୍ରରେ ଯୌନ ଉତ୍ପୀଡନ ନିରୋଧ ଆଇନ୍ କାର୍ଯ୍ୟକାରିତାର ସମୀକ୍ଷା



ଭୁବନେଶ୍ୱର,୧୨।୨ (ମହାଭାରତ): ଜାତୀୟ ମହିଳା ଆୟୋଗ ଅଧକ୍ଷ ବିଜୟା ରାହତକରଙ୍କ ଦି ଦିନିଆ ଗସ୍ତ କାଳରେ ଆଜି ମହିଳା ଓ ଶିଶୁ ବିକାଶ ଏବଂ ଜାତୀୟ ମହିଳା ଆୟୋଗ ର ସହଭାଗିତାରେ ରାଜ୍ୟରେ "କାର୍ଯ୍ୟକ୍ଷେତ୍ରରେ ଯୌନ ଉତ୍ପୀଡନ ନିରୋଧ ଆଇନ"(ପୋଶ ଆଇନ)ର କାର୍ଯ୍ୟକାରିତା ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜାତୀୟ ମହିଳା ଆୟୋଗ ଅଧକ୍ଷ ବିଜୟା କେ ରାହତକର ଅଧକ୍ଷତା କରି କହିଲେ ଯେ ଆଜିର ଯୁଗରେ ସମାଜରେ ମହିଳାମାନଙ୍କ ଭୂମିକା ଓ କର୍ତ୍ତବ୍ୟରେ ବହୁ ପରିବର୍ତ୍ତନ ଆସିଛି। ଆଜିର କର୍ମଜୀବୀ ମହିଳା ନିଜ ଘର ଓ କାର୍ଯ୍ୟକୁ ଅତି ନିଖୁଣ ଭାବରେ ପରିଚାଳନା କରିପାରୁଛନ୍ତି। ଏହି ପରିପ୍ରେକ୍ଷିରେ ସେମାନଙ୍କୁ ଏକ ସୁରକ୍ଷିତ ଓ ସମ୍ମାନିତ କାର୍ଯ୍ୟକ୍ଷେତ୍ର ପ୍ରଦାନ କରିବା ଆମ ସମସ୍ତଙ୍କ ଗୁରୁ ଦାୟିତ୍ୱ ହେବା ଉଚିତ। "କାର୍ଯ୍ୟକ୍ଷେତ୍ରରେ ଯୌନ ଉତ୍ପୀଡନ ନିରୋଧ ଆଇନ"(ପୋଶ ଆଇନ) ର ସଠିକ କାର୍ଯ୍ୟକାରିତା ଓ ଏହି ଆଇନ ସମ୍ବନ୍ଧରେ ଦୃଢ଼ ଜନସଚେତନତା ସୃଷ୍ଟି କରିପାରିଲେ ହିଁ ଆମେ କାର୍ଯ୍ୟକ୍ଷେତ୍ରରେ ଘଟୁଥିବା ଯୌନ ଉତ୍ପୀଡନକୁ ଦମନ କରିପାରିବା ବୋଲି ଦୃଢୋକ୍ତି ରଖିଛନ୍ତି। ରାଜ୍ୟର ପ୍ରତ୍ୟେକ କାର୍ଯ୍ୟକ୍ଷେତ୍ରରେ ଅନ୍ତଃ ସମିତି ଓ ପ୍ରତ୍ୟେକ ଜିଲ୍ଲାରେ ଆଞ୍ଚଳିକ ସମିତିର ଗଠନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସମିତିର ସଦସ୍ୟା ମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବା ପାଇଁ ସେ ପ୍ରସ୍ତାବ ଦେଇଛନ୍ତି । ପ୍ରତି ଜିଲ୍ଲାର ସର୍ବସାଧାରଣ ସ୍ଥାନରେ ଏହି ଆଇନ ସମ୍ପର୍କରେ ବିଜ୍ଞାପନ ଓ ହୋର୍ଡିଂ ଜରିଆରେ ଲୋକମାନଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରିବା ପାଇଁ ସେ ପ୍ରସ୍ତାବ ଦେଇଛନ୍ତି। ଏହି ଆଇନ ଅନ୍ୟାୟ ବିରୁଦ୍ଧ, ପୁରୁଷ ବିରୁଦ୍ଧ ନୁହେଁ ଏବଂ ଏହି ଆଇନ ହିସାବରେ ଦୋଷୀ କୁ ନିଶ୍ଚୟ ଦଣ୍ଡ ମିଳିବ ବୋଲି ସେ ଦୃଢ଼ ମତ ରଖିଥିଲେ।

ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀ ଓଡ଼ିଶାରେ "କାର୍ଯ୍ୟକ୍ଷେତ୍ରରେ ଯୌନ ଉତ୍ପୀଡନ ନିରୋଧ ଆଇନ"(ପୋଶ ଆଇନ)ର ସ୍ଥିତି ବିଷୟରେ ବିଶଦ ଉପସ୍ଥାପନ କରିଥିଲେ। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ପୋଲିସ ଆଇଜି ଏସ.ସାଇନିଙ୍କ ସହ ବିଭାଗୀୟ ନିର୍ଦ୍ଦେଶକ ସୁଶ୍ରୀ ମୋନିଷା ବାନାର୍ଜୀ ଓ ବିଭାଗର ଉଚ୍ଚପଦସ୍ଥ ଅଧିକାରୀବୃନ୍ଦ ମାନେ ଉପସ୍ଥିତ ଥିଲେ। ରାଜ୍ୟସରକାରଙ୍କ ସମସ୍ତ ବିଭାଗର ନୋଡାଲ ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ।

# କ୍ରୀଡ଼ା ଭିତ୍ତିଭୂମି ଓଡ଼ିଶାର ପ୍ରତିଟି ବ୍ଲକରେ ପହଞ୍ଚିବ

ଭୁବନେଶ୍ୱର,୧୨।୨ (ମହାଭାରତ): ଓଡ଼ିଶାର ସମସ୍ତ ୩୧୪ ଗୋଟି ବ୍ଲକରେ ଷ୍ଟାଡିୟମ ନିର୍ମାଣ କରାଯିବ। ବ୍ଲକ ସ୍ତରୀୟ ଷ୍ଟାଡିୟମ ନିର୍ମାଣ କରିବା ନିମନ୍ତେ ୪୧୨୪ କୋଟି ଟଙ୍କାର ବ୍ୟୟ ଅଟକଳ ସ୍ଥିର କରାଯାଇଛି। ଏହି ବ୍ଲକ ସ୍ତରୀୟ ଷ୍ଟାଡିୟମ ପ୍ରାୟ ୮ ରୁ ୧୦ ଏକର ସ୍ଥାନରେ ନିର୍ମାଣ କରାଯିବ। ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ହେବା ସହ କ୍ରୀଡ଼ା ପ୍ରତିଭାର ସାମଗ୍ରିକ ବିକାଶ କରିବାରେ ଏହା ନିଶ୍ଚିତ ରୂପେ ସହାୟକ ହେବ। କ୍ରୀଡ଼ାର ବିକାଶ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଯେପରି ବ୍ଲକ ସ୍ତରରେ ପହଂଚି ପାରିବ, ପ୍ରତିଟି ଗାଁରେ ଯେପରି କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ ତାହା ଲକ୍ଷ୍ୟ ରଖାଯାଇଛି ବୋଲି କହିଛନ୍ତି କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ଆଜି କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟର ଅଡ଼ିଟୋରିୟମ୍ ଠାରେ ଆୟୋଜିତ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ବ୍ଲକ ସ୍ତରୀୟ ଷ୍ଟାଡିୟମ ନିର୍ମାଣ ନିମନ୍ତେ ପ୍ରସ୍ତାବିତ ହୋଇଥିବା ମାଷ୍ଟର ପ୍ଲାନ ସମ୍ବନ୍ଧରେ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଷ୍ଟାଡ଼ିୟମର ମାଷ୍ଟର ପ୍ଲାନ ଏବଂ ରୂପରେଖକୁ ଏକ ପ୍ରେସେଣ୍ଟେସନ ଓ ପ୍ରତିକାତ୍ମକ ଭିଡ଼ିଓ ମାଧ୍ୟମରେ ମନ୍ତ୍ରୀ ଶ୍ରୀ ସୂରଜ ଉପସ୍ଥାପିତ କରିଥିଲେ। ପ୍ରସ୍ତାବିତ ହୋଇଥିବା ମାଷ୍ଟର ପ୍ଲାନ ଅନୁଯାୟୀ ବ୍ଲକ ସ୍ତରୀୟ ଷ୍ଟାଡିୟମରେ ବିଭିନ୍ନ କ୍ରୀଡ଼ା ନିମନ୍ତେ ବ୍ୟବସ୍ଥା ଉପଲବ୍ଧ ହେବ। କ୍ରୀଡ଼ା ପ୍ରତିଭାମାନଙ୍କ ପାଇଁ ଏହା ଏକ କ୍ରୀଡ଼ା ନର୍ସରୀ ଭାବେ କାର୍ଯ୍ୟ କରିବ। ଷ୍ଟାଡିୟମରେ ଫୁଟବଲ/କ୍ରିକେଟ ପଡିଆ, ଆଥଲେଟିକ ଟ୍ରାକ, ଥ୍ରୋ ଏରିଆ, ଜମ୍ପ ଏରିଆ, ଭଲିବଲ କୋର୍ଟ ଆଦିର ନିର୍ମାଣ କରାଯିବ। ଏଥିସହିତ ଦେଶୀୟ ବା ଆଞ୍ଚଳିକ କ୍ରୀଡ଼ା ଯଥା ଖୋଖୋ, କବାଡ଼ି ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ଷ୍ଟାଡିୟମର ଇଣ୍ଡୋର ହଲରେ ବ୍ୟାଡ଼ମିଣ୍ଟନ କୋର୍ଟ, ଟେବୁଲ ଟେନିସ, ଜିମନାଷ୍ଟିକ, ଭାରୋତ୍ତୋଳନ ଆଦି ନିମନ୍ତେ ମଧ୍ୟ ବ୍ୟବସ୍ଥା ରହିବ।

ଏଥିସହ ପ୍ରତିଟି ଷ୍ଟାଡିୟମରେ ସାଧାରଣ ସୁବିଧା କେନ୍ଦ୍ର ରହିବା ସହ ଷ୍ଟାଡିୟମର ବାହ୍ୟ ବିକାଶ, ବିଭିନ୍ନ ବ୍ୟବସ୍ଥା ଯଥା ଜଳ ଯୋଗାଣ, ନିଷ୍କାସନ ବା ସ୍ୱେରେଜ, ଆଲୋକୀକରଣ ଉପରେ ମଧ୍ୟ ପ୍ରାଧାନ୍ୟ ଦିଆଯିବ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରାଯାଇ ତୃଣମୂଳ ସ୍ତରରୁ କ୍ରୀଡ଼ା ପ୍ରତିଭାର ମଧ୍ୟ ଚୟନ କରାଯିବ।

କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ।ତୃଣମୂଳ ସ୍ତରରେ ସୁଦୃଢ଼ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ ହେବା ସହ କ୍ରୀଡ଼ାବିତମାନେ କ୍ରୀଡ଼ା ଜଗତରେ ଯେପରି ନିଜର ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିପାରିବେ ସେ ଦିଗରେ ଗୁରୁତ୍ୱାରୋପ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଛନ୍ତି।

# ଜାତୀୟ ସଂହତି ବିନା ଦେଶର ପ୍ରଗତି ଅସମ୍ଭବ

ଭୁବନେଶ୍ୱର,୧୨।୨ (ମହାଭାରତ): ଜାତୀୟ ସଂହତି ବିନା ଦେଶର ପ୍ରଗତି ଅସମ୍ଭବ। ଜାତୀୟ ସଂହତି ଗୋଟିଏ ଜାତିକୁ ଐକ୍ୟ ଭାବରେ ଉଦ୍‌ବୃଦ୍ଧ କରେ ଓ କ୍ରମବିକାଶ ପଥରେ ଆଗେଇ ନେଇଥାଏ। ଏଥିପାଇଁ ବିଶ୍ୱାସ, ପ୍ରେମ, ମମତା ଓ ଦେଶ ପ୍ରତି ଅନୁରକ୍ତି ଦରକାର। ପ୍ରତ୍ୟେକ ନାଗରିକ ସତ୍ୟ ଓ ସାଧୁତାର ଉପାସକ ହେବା ଉଚିତ୍। ଯୁବକମାନେ କର୍ତ୍ତବ୍ୟପରାୟଣ ହୋଇ ଜାତୀୟ ପ୍ରଗତି ପାଇଁ କାର୍ଯ୍ୟ କଲେ ସଂହତି ପ୍ରତିଷ୍ଠା ହେବା ସହ ଏକ ବିକଶିତ ରାଷ୍ଟ୍ର ଗଠନରେ ବେଶ୍ ସହାୟକ ହୋଇପାରିବ ବୋଲି ସୀମା କ୍ଷେତ୍ର ଯୁବ ବିନିମୟ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତ ପ୍ରକାଶ କରିଥିଲେ।

ଭାରତ ସରକାରଙ୍କ ଯୁବ ବ୍ୟାପର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବ କେନ୍ଦ୍ର, ଖୋର୍ଦ୍ଧା ଏବଂ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟର ମିଳିତ ସହଯୋଗରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୁବ ବ୍ୟାପର ଓ କ୍ରୀଡ଼ା ମନ୍ତ୍ରଣାଳୟର ଯୁବ ପରାମର୍ଶ ପରିଷଦର ସଦସ୍ୟ ଅବିନାଶ ଦାଶ, ସମ୍ମାନୀତ ଅତିଥି ରୂପେ ବିପିନ୍ କୁମାର, ନିଖିଲ କୋକୁଲା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମେଘାଳୟ, ସିକିମ୍, ତ୍ରିପୁରା, ଆସାମ, ପଶ୍ଚିମବଙ୍ଗ ଏବଂ ବିହାର ରାଜ୍ୟର ସୀମା କ୍ଷେତ୍ରରୁ ସର୍ବମୋଟ ୨୫ ଜଣ ଯୁବ ପ୍ରତିନିଧି ସାମିଲ ହୋଇଛନ୍ତି। ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ସହ ସଂସ୍କୃତି, ଭାଷା ଓ ପରମ୍ପରା ବିନିମୟ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହା ୫ଦିନ ଧରି ଚାଲୁ ରହିବ। କାର୍ଯ୍ୟକ୍ରମକୁ ଶୁଭେନ୍ଦ୍ର ନାଥ ସାହୁ, କୁଳମଣି ମଲ୍ଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବିଶ୍ୱଶାନ୍ତି ପାଇଁ ସାଇକେଲ ଶୋଭାଯାତ୍ରା

ଭୁବନେଶ୍ୱର,୧୨।୨ (ମହାଭାରତ): କେରଙ୍ଗ ଅହମଦୀୟା ମୁସଲିମ ସଂଗଠନର ଆନ୍ତଃ ସଂଗଠନ ମଜଲିସ ଅନସାରୁଲ୍ଲାଃ ପକ୍ଷରୁ ବିଶ୍ୱଶାନ୍ତି ଓ ବିଶ୍ୱ ଭାଇଚାରା ତଥା ତୃତୀୟ ବିଶ୍ୱଯୁଦ୍ଧ ନହେବା ପାଇଁ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଶୋଭାଯାତ୍ରା ସାମୂହିକ ନୀରବ ପ୍ରାର୍ଥନା ସହ ଆରମ୍ଭ କରାଯାଇଥିଲା। ଏହି ଶୋଭାଯାତ୍ରା କେରଙ୍ଗ ବଜାରରୁ ଆରମ୍ଭ ହୋଇ କୁଣ୍ଡିଲୋ, ଠାକୁରପଡା, ବରସହି, କୁମ୍ଭିଲୋ ହୋଇ କେରଙ୍ଗ ଜାମେ ମସଜିଦ ଠାରେ ଶେଷ ହୋଇଥିଲା। ଏହି ଶୋଭାଯାତ୍ରାର ଆଭିମୁଖ୍ୟ ହେଲା ବିଶ୍ୱରେ ସ୍ଥାୟୀ ଶାନ୍ତି ସ୍ଥାପନା କରିବା, ବିଶ୍ୱ ଭାଇଚାରା ପ୍ରତିଷ୍ଠା କରିବା ଏବଂ ବିଶ୍ୱ ଯୁଦ୍ଧ ଜନିତ ଭୟାବହ ଧ୍ୱଂସଲିଳାରୁ ମାନବ ସମାଜକୁ ବର୍ତ୍ତିବା ପାଇଁ ଜନ ସଚେତନ ସୃଷ୍ଟି କରିବା। ଶୋଭାଯାତ୍ରାରେ ମଜଲିସ ଅନସାରୁଲ୍ଲାଃ କମିଟିର ମୁଖ୍ୟ ଅମଜାଦ ଖାଁ, ମୌଲାନା ମିର ଅବଦୁଲ ହଫିଜ, କିଶନ ଅହମଦ, ସଗିରୁଦ୍ଦିନ, ଓଲିମୁଦ୍ଦିନ, ଅଲିଉଦ୍ଦିନ, ଅବଦୁଲ ଲତିଫ, ସୋଏବ ଖାଁ, ଓସିମ୍ ଅହମଦ, ଓହିଦ ଖାଁଙ୍କ ସହ ୭୦ଜଣ ଏହି ରାଲିରେ ଯୋଗ ଦେଇଥିଲେ।

# ଗ୍ରୀଷ୍ମ ପ୍ରବାହ ପ୍ରତିକାର ପାଇଁ ପ୍ରସ୍ତୁତି ବୈଠକ



ଭୁବନେଶ୍ୱର,୧୨।୨ (ମହାଭାରତ): ଓଡ଼ିଶା ସରକାର, ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ ଅନୁଯାଇ ଜିଲ୍ଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ପ୍ରତିକାର ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ, ଚଞ୍ଚଳ ରାଣାଙ୍କ ଅଧକ୍ଷତାରେ ଓସ୍ୱୟନ ଭିଡିଓ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।

ଅତ୍ୟାବଶ୍ୟକ ସ୍ଥଳେ ବିଡ଼ିଓ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦଙ୍କ ଅନୁମୋଦନକ୍ରମେ ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କରେ ପିଇବାପାଣି ଟାଙ୍କିର ବ୍ୟବସ୍ଥା କରାଯିବା, ଆର୍ଡ଼ବ୍ଲୁଏସଏସ, ୱାଟକୋ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ବିଡ଼ିଓ ଏବଂ ବିଏମସିର ଅଧିକାରୀମାନେ ଏଥିପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବେ। ଜନଗହଳୀପୂର୍ଣ୍ଣ ସ୍ଥାନମାନଙ୍କରେ ଜଳଛତ୍ର ଖୋଲିବା ସହ ବିଶୁଦ୍ଧ ପାନୀୟ ଜଳ ପ୍ରଦାନ କରିବାର ବ୍ୟବସ୍ଥା କରିବାକୁ/ନାଳ ତଥା କେନାଲରେ ଆବଶ୍ୟକ ସ୍ଥଳେ ପାଣି ଛାଡିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ନିୟମିତ ସ୍ୱଚ୍ଛ ତଥା ବିଶୁଦ୍ଧ ପାଣି ସ୍ୱୟଂ ସହାୟକ ଗୋଷ୍ଠୀ ତଥା ଏନଜିଓମାନଙ୍କ ସହ ପରାମର୍ଶ କରି ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଏମସି ତଥା ସହରାଞ୍ଚଳରେ ଦିନ ସମୟରେ ଗୃହହିନ ଏବଂ ନିରାଶ୍ରୟଙ୍କୁ ଆଶ୍ରୟସ୍ଥଳ ଯୋଗାଇ ଦେବା ସହ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟାଳୟ ମାନଙ୍କରେ ପାଣିର ବ୍ୟବସ୍ଥା କରାଯିବାକୁ, ଜିଲ୍ଲା ଶିକ୍ଷାଅଧିକାରୀଙ୍କୁ ପିଲାମାନଙ୍କୁ ସାଙ୍ଗରେ ପାଣି ବୋତଲ ଆଣି ଆସିବାକୁ ପରାମର୍ଶ ଦେଇଥଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଗର୍ଭବତୀ ମା'ମାନଙ୍କୁ ସତର୍କତା ଅବଲମ୍ବନ କରିବାକୁ, ପରିବହନ ଅଧିକାରୀ ଯାତାୟତ ବସ୍‌ରେ ପାନୀୟ ଜଳର ବ୍ୟବସ୍ଥା କରିବାକୁ/ ଶ୍ରମ ଅଧିକାରୀଙ୍କୁ ପୂର୍ବାହ୍ନ ୧୧.୦୦ ଘଣ୍ଟାରୁ ଅପରାହ୍ନ ୩.୦୦ ଟା ପର୍ଯ୍ୟନ୍ତ ଶ୍ରମିକମାନେ ଖରାରେ କାମ ନକରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟୁତ ବିଭାଗକୁ ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ/ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଓ ଆର୍.ଏସ, ଆବଶ୍ୟକୀୟ ଔଷଧ, ସ୍ୱତନ୍ତ୍ର ଅଂଶୁଘାତ ଜନିତ ୱାର୍ଡ ଏବଂ ଅଂଶୁଘାତଜନିତ ମୃତ୍ୟୁକୁ ତହସିଲଦାର ଏବଂ ମେଡିକାଲ ଅଫିସରଙ୍କ ମିଳିତ ଅନୁସନ୍ଧାନ ପରେ ତୁରନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ସ୍ୱାଗତ ଭାଷଣ ରଖିଥିଲେ। ମୁଖ୍ୟଉନ୍ନୟନ ଅଧିକାରୀ ତଥା କାର୍ଯନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଅନାଦି ଚରଣ ସେଠି, ସିଡିଏମଓ ଡଃ ରାଜଲକ୍ଷ୍ମୀ ପଟ୍ଟନାୟକ, ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗିତାନଶୁ ମୋହନ ଦାସ/ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ,ମିରାଇ ବେହେରା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଖୋର୍ଦ୍ଧା, ଜ୍ୟୋତ୍ସ୍ନା ମୟୀ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ।

# ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ସାତକଡ଼ି ହୋତା




ଭୁବନେଶ୍ୱର,୧୨।୨ (ମହାଭାରତ): ସାତକଡ଼ି ହୋତା ସ୍ମୃତି ସଂସଦ ପକ୍ଷରୁ ବୁଦ୍ଧ ମନ୍ଦିର ସଭାଗୃହରେ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ସାତକଡ଼ି ହୋତାଙ୍କ ପୁଣ୍ୟଦିବସ ପାଳନ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଡକ୍ଟର ପୀତବାସ ରାଉତରାୟ, ମୁଖ୍ୟବକ୍ତା ମନୋଜ କୁମାର ମହାପାତ୍ର, ସମ୍ମାନିତବକ୍ତା ଭାବେ ଡାକ୍ତର ଅକ୍ଷୟ କୁମାର ମିଶ୍ର, ସାମ୍ବାଦିକ ଅମ୍ବିକା ପ୍ରସାଦ ଦାସ, ସମ୍ମାନିତ ଅତିଥି ଭାବେ ନାଟ୍ୟକାର ବିଜୟ କୁମାର ମହାନ୍ତ, ସୁରେଶ ଚନ୍ଦ୍ର ମହାନ୍ତି ଯୋଗଦାନ କରି ଭିନ୍ନ ଉଦାହରଣ ମାଧ୍ୟମରେ ଡକ୍ଟର ହୋତାଙ୍କ ବାଲ୍ୟଜୀବନ, ଚାକିରି ଜୀବନ, ସାରସ୍ୱତଜୀବନ, ସାଙ୍ଗଠନିକ ଦକ୍ଷତା ଓ ସର୍ବୋପରି ସମସ୍ତ ନକାରାତ୍ମକ କାର୍ଯ୍ୟକୁ ସକାରାତ୍ମକ ଭାବେ ପରିଣତ କରି ଆଗେଇ ନେବା ସେ ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କର ସାମ୍ବାଦିକ ଜୀବନ ଅତ୍ୟନ୍ତ ସୁଖପ୍ରଦ ଓ ସାବଲୀଳ ଥିଲା ସେ ସମାଜରେ ଜଣେ ଅଜାତଶତ୍ରୁ ଭାବେ ପରିଗଣିତ ହେଉଥିଲେ। ଓଡିଶାରେ ରେଳବାଇର ବିକାଶ ତାଙ୍କର ଓଡିଶା ବାସୀଙ୍କୁ ବଡ଼ ଅବଦାନ ବୋଲି ମତପ୍ରକାଶ ପାଇଥିଲା। ଏଣୁ ଡକ୍ଟରହୋତା ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ ଡକ୍ଟର ପ୍ରେମଲତା ଦେବୀ, ବିନୋଦିନୀ ପାତ୍ର, ଇନ୍ଦିରା ଦାଶ, ସୁବାସ ଚନ୍ଦ୍ର ସାହୁ, ସୁନାରାମ ସିଂ, ଡକ୍ଟର ଅଶୋକ କୁମାର ରଥ, ବିପିନ ବିହାରୀ ତ୍ରିପାଠୀ। ଏହି ଅବସରରେ ସାତକଡ଼ି ହୋତା ଫଟୋ ସମ୍ଭାର ଓ ମୈତ୍ରୀ ସାତକଡ଼ି ହୋତା ବିଶେଷାଙ୍କ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଦେବୀପ୍ରସାଦ ଷଡଙ୍ଗୀ, ଜୟା ମିଶ୍ର, ଭଜକୃଷ୍ଣ ମହାନ୍ତି ଭଜନ ଗାନ କରିଥିଲେ। ସଂପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଅତିଥି ପରିଚୟ ପ୍ରଦାନ କରିବା ସହ ଡକ୍ଟର ହୋତାଙ୍କ ବହୁମୁଖୀ ପ୍ରତିଭା ଉପରେ ସମ୍ୟକ ଆଲୋଚନା କରି ମଞ୍ଚ ପରିଚୟଳନା କରିଥିଲେ। ଡକ୍ଟର ଆରତି କର ନିଜସ୍ୱ ବକ୍ତବ୍ୟ ସହ ଧନ୍ୟବାଦ ପ୍ରଦାନ କରିଥିଲେ।

# ୧୫ ଯାଏଁ ରାସନ୍ କାର୍ଡ ଇ-କେୱାଇସି ଆବେଦନ

ଭୁବନେଶ୍ୱର,୧୨।୨ (ମହାଭାରତ): ରାସନ୍ କାର୍ଡ ଇ-କେୱାଇସି ନେଇ ବଡ଼ ଅବଡେଟ। ଇ-କେୱାଇସି ଆବେଦନ ନ କରିଥିଲେ ମିଳିବନି ଆଉ ସୁଯୋଗ। ଆସନ୍ତା ୧୫ ତାରିଖ ରାସନ କାର୍ଡ ଇ-କେୱାଇସି ଆବେଦନର ଶେଷ ତାରିଖ। ଆଉ ସମୟ ଅବଧି ବଢିବା ନାହିଁ। ଏପର୍ଯ୍ୟନ୍ତ ୩୭ ଲକ୍ଷ ଲୋକ ଇ-କେୱାଇସି କରି ନାହାନ୍ତି। ଯେଉଁମାନେ ଇ-କେୱାଇସି କରି ନାହାନ୍ତି। ସେମାନେ କରି ଦିଅନ୍ତୁ। ଆଉ ଯେଉଁମାନେ ନ କରିବେ। ତାକୁ ସରେଣ୍ଡର କରାଗଲା ବୋଲି ଧରି ନିଆଯିବ। ସେହି ଜାଗାରେ ନୂଆ। ଲୋକଙ୍କୁ ଦିଆଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ଯେଉଁମାନେ ଆବେଦନ କରିଛନ୍ତି। ସେଗୁଡ଼ିକର ଯାଞ୍ଚ ଚାଲିଛି। ଏବେ ପୋର୍ଟାଲ ଖୋଲାଯିବ। ଯେଉଁମାନେ ନୂଆ। କାରୀ ଆବେଦନ କରିବେ।

# ଫାଇଲେରିଆ ସଚେତନତା ରଥର ଶୁଭାରମ୍ଭ




ଭୁବନେଶ୍ୱର,୧୨।୨ (ମହାଭାରତ): ଫାଇଲେରିଆ ନିରାକରଣ ଅଭିଯାନ-୨୦୨୫ ଅଧିନରେ ଆଜିଠାରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଆଭାସୀ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ମାନ୍ୟବର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା। ଏହି ଅବସରରେ ଆଜି କନ୍ଧମାଳ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଫୁଲବାଣୀ ଠାରେ ଆୟୋଜିତ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମରେ ସାମିଲ ହୋଇ ଏହି କାର୍ଯ୍ୟକ୍ରମର ଉଦ୍ଘାଟନ କରିବା ସହ ଫାଇଲେରିଆ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ସଚେତନତା ରଥ ଗାଁ ଗାଁ ବୁଲି ଫାଇଲେରିଆ ସମ୍ପର୍କିତ ସଚେତନ ବାର୍ତ୍ତା ଲୋକମାନଙ୍କ ପାଖରେ ପହଞ୍ଚାଇବ । ଏହି କାର୍ଯ୍ୟକ୍ରମରେ ମାନ୍ୟବର ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ଏବଂ ମାନ୍ୟବର ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ । ଏହି ଅଭିଯାନ ଜରିଆରେ ଫେବୃଆରୀ ୧୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ୬ ଟି ଜିଲ୍ଲାର ୪୭ ଟି ବ୍ଲକରେ ସ୍ୱାସ୍ଥ୍ୟକର୍ମୀ ମାନେ ଲୋକଙ୍କ ପାଖକୁ ଯାଇ ସାମୁହିକ ଔଷଧ ସେବନ କରାଇବେ। ବିନା କୌଣସି ଭୟରେ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମରେ ଡ଼ିଇସି ଓ ଆଲବେଣ୍ଡାଜଲ୍ ବଟିକା ଖାଇ ଓଡ଼ିଶାକୁ ଫାଇଲେରିଆ ମୁକ୍ତ କରି ଏକ ସୁସ୍ଥ ଓ ସଶକ୍ତ ରାଜ୍ୟ ଗଠନ କରିବାରେ ଆମର ଯୋଗଦାନ ଦେବାକୁ ଆହ୍ୱାନ ଦେଇଛନ୍ତି ମନ୍ତ୍ରୀ।

# କିଓର ଇଣ୍ଡିଆ ଟ୍ରଷ୍ଟ ସହ ରାଜ୍ୟ ସରକାରଙ୍କ ଚୁକ୍ତିନାମା



ଭୁବନେଶ୍ୱର,୧୨।୨ (ମହାଭାରତ): ଶିଶୁଙ୍କ କ୍ଲବ୍ ଫୁଟ୍ (ବଙ୍କା ପାଦ)ର ସଫଳ ଚିକିତ୍ସା ପାଇଁ ରାଜ୍ୟ ସରକାରଙ୍କ ସହ କିଓର ଇଂଟରନ୍ୟାସନାଲ ଇଣ୍ଡିଆ ଟ୍ରଷ୍ଟର ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହା ଦ୍ୱାରା ଶିଶୁ ପାଦର ଜନ୍ମଜାତ ବଙ୍କାପଣ ବିନା ଅସ୍ତ୍ରୋପଚାରରେ ହିଁ ଚିକିତ୍ସା ହୋଇପାରିବ। ସାଧାରଣତଃ ଦୁଇଟି ପଦ୍ଧତିରେ ଏହି ଚିକିତ୍ସା ହୋଇଥାଏ। ଗୋଟିଏ ପ୍ଲାଷ୍ଟର ସାହାଯ୍ୟରେ ଏବଂ ଅନ୍ୟଟି ବିଶେଷ ଯୋତା ଯାହାକୁ ପାଞ୍ଚ ବର୍ଷ ପିନ୍ଧିବାକୁ ପଡ଼ିଥାଏ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ମହିଳା ଶିଶୁ ବିକାଶ ବିଭାଗ, ଭିନ୍ନକ୍ଷମ ସଶକ୍ତିକରଣ ସହ କ୍ୟୁର ଇଣ୍ଟରନ୍ୟାସନାଲ ଇଣ୍ଡିଆ ଟ୍ରଷ୍ଟ ସହ ଏ ନେଇ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ବର୍ତ୍ତମାନ ସୁଦ୍ଧା ୬୪୮୯ ଜଣଙ୍କ ଚିକିତ୍ସା ଚାଲିଛି।ଏହି ଚିକିତ୍ସା ପାଇଁ ଚାରିରୁ ପାଞ୍ଚ ସପ୍ତାହ ଲାଗୁଛି। ରାଜ୍ୟରେ ବର୍ଷକୁ ୬୦୦ ରୋଗୀ ଚିହ୍ନଟ ହେଉଛନ୍ତି। ସବୁ ଜିଲ୍ଲାରେ ଏନେଇ କାଉନସିଲିଂ ସେଣ୍ଟର ହେବା ସହ ଆଶା ଅଙ୍ଗନୱାଡି କର୍ମୀଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି। ସଂସ୍ଥା ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିଥାଏ।

# ଓଡ଼ିଶାରେ ଅକ୍ଷୟ ଶକ୍ତିରେ ଏଚ୍‌ଆଇଏଫ୍ ୧ ବିଲିୟନ ଡ଼ଲାର ନିବେଶ କରିବ




ଭୁବନେଶ୍ୱର,୧୨।୨ (ମହାଭାରତ): ଉତ୍କର୍ଷ ଓଡ଼ିଶା କନକ୍ଲେଭ ପରେ ମଧ୍ୟ ଓଡ଼ିଶାକୁ ନିବେଶର ସୁଅ ଛୁଟି ଚାଲିଛି। ଚିଲିର ଏଚଆଇଏଫ ଗ୍ଲୋବାଲ ଇଣ୍ଡିଆ। ନାମକ ବହୁରାଷ୍ଟ୍ରୀୟ କମ୍ପାନୀ ଓଡ଼ିଶାର ଅକ୍ଷୟ ଶକ୍ତିରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଇ- ଫୁଏଲ ଉତ୍ପାଦନ ନେଇ ଏକ ଉପସ୍ଥାପନା ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଆଗରେ ପ୍ରଦର୍ଶନ କରିଛନ୍ତି। ଆଜିର ସମୟରେ ବାୟୋଫୁଏଲର ବହୁତ ଚାହିଦା ରହିଛି। ପରିବେଶ ସୁରକ୍ଷା ସହ ଜୈବମଣ୍ଡଳର ସନ୍ତୁଳନ ରକ୍ଷା ନିମନ୍ତେ ଇ- ଫୁଏଲ ର ଆବଶ୍ୟକ ରହିଛି। ଏଚଆଇଏଫ ଗ୍ଲୋବାଲ ଇଣ୍ଡିଆ। କମ୍ପାନୀ ସମ୍ପ୍ରତି ଯୁକ୍ତରାଷ୍ଟ୍ର ଆମେରିକା, ଚିଲି, ଉରୁଗୁଏ, ଅଷ୍ଟ୍ରେଲିଆ। ପ୍ରଭୃତି ଦେଶରେ ମିଥାନଲ ସିନ୍ଥେସିସ୍ କ୍ଷେତ୍ରରେ କାର୍ଯ୍ୟ କରୁଛି। ଓଡ଼ିଶାରେ ମଧ୍ୟ ଏହି ଭଳି ଏକ ୧ ବିଲିୟନ ଆମେରିକୀୟ ଡଲାରର ମିଥାନଲ ସିନ୍ଥେସିସ୍ ପ୍ରକଳ୍ପ ଆରମ୍ଭ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସରକାରୀ ପ୍ରଦତ୍ତ ନିୟମାବଳୀ ଅନୁସାରେ ନିବେଶ କରିବାକୁ ବହୁତ ସେ ପ୍ରସ୍ତୁତ ଅଛନ୍ତି । ଆବଶ୍ୟକ ଅନୁଯାୟୀ ୫୦ ଏକର ଜମି, ଜଳଯୋଗାଣ ଓ ବିଦ୍ୟୁତ ଯୋଗାଣ ଭଳି ଆନୁଷଙ୍ଗିକ ସୁବିଧା ଯୋଗାଇଦେବା ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି।

ଓଡ଼ିଶା ବର୍ତ୍ତମାନ ନିବେଶ ପାଇଁ ଶତପ୍ରତିଶତ ଅନୁକୂଳ। ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ଆମେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ପ୍ରସ୍ତୁତ ଅଛୁ। ଆମର ନିବେଶ ଅନୁକୂଳ single windo clearance ବ୍ୟବସ୍ଥା ଅଛି। ଏହାର ବ୍ୟବହାର ମଧ୍ୟ ଆପଣମାନେ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରାରମ୍ଭିକ କ୍ଷେତ୍ରରେ ୨୫୦ରୁ ଊର୍ଦ୍ଧ୍ୱ ଲୋକ ଓ ପରବର୍ତ୍ତୀ ସମୟରେ ୫୦୦ ରୁ ଊର୍ଦ୍ଧ୍ୱ ଲୋକ ରୋଜଗାର ପାଇବେ ବୋଲି ଆକଳନ କରାଯାଇଛି। ବାର୍ଷିକ ୩,୫୦,୦୦୦ ଟନର ଇ-ମିଥାନଲ ଉତ୍ପାଦନ ହେବ । ୯୫ ପ୍ରତିଶତ କାର୍ବନ ନିର୍ଗମନ ହ୍ରାସ ପାଇବ। ଏହି ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଳ ଦେବ, ଇପିକଲ ଏମଡି ଶ୍ରୀ ଭୁପିନ୍ଦର ସିଂ ପୁନିଆ, ଟାଟା ପାୱାର ଓ ଶକ୍ତି ବିଭାଗ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

# ପରୀକ୍ଷା ଋତୁ

ଓଡ଼ିଶାରେ ମାଧ୍ୟମିକ ଶିକ୍ଷା ବୋର୍ଡ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯଥାକ୍ରମେ ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବ। ଏହା ସହିତ ବିଭିନ୍ନ ସ୍କୁଲକଲେଜରେ ଶ୍ରେଣୀ ପରୀକ୍ଷା ବା ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବା ପାଇଁ ପରୀକ୍ଷା ମଧ୍ୟ ଅନୁଷ୍ଠିତ ହେବାକୁ ଯାଉଛି। ପରବର୍ତ୍ତୀ ସମୟରେ ସ୍ନାତକ ଏବଂ ସ୍ନତକୋତ୍ତର ପରୀକ୍ଷା ମଧ୍ୟ ହେବ। ଏହା ସହିତ ଆଗକୁ ସର୍ବଭାରତୀୟ ଏବଂ ରାଜ୍ୟସ୍ତରୀୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି। ଏଥିଲାଗି ଛାତ୍ରଛାତ୍ରୀମାନେ ଏବେ ପ୍ରସ୍ତୁତିରେ ଲାଗିଛନ୍ତି। ଏହା ସହିତ ସେମାନେ ମାନସିକ ଚାପରେ ମଧ୍ୟ ଅଛନ୍ତି। କାଳେ ପରୀକ୍ଷାରେ ଆଶାନୁରୂପ ସଫଳତା ମିଳିବ ନାହିଁ, କାଳେ ସେମାନେ ପ୍ରତିଯୋଗିତାରେ ପଛରେ ପଡ଼ିଯିବେ, ସେମାନଙ୍କ ପରିଶ୍ରମ ବ୍ୟର୍ଥ ହୋଇଯିବ ଏବଂ ବାପା-ମା'ଙ୍କ ଆଶା ପୂରଣରେ ସେମାନେ ବିଫଳ ହେବେ ସେହି ଆଶଙ୍କାରେ ଅନେକ ଛାତ୍ରଛାତ୍ରୀ ଏବେ ମାନସିକ ଚାପରେ ଅଛନ୍ତି। ଏହା ଆମ ଶିକ୍ଷା ବ୍ୟବସ୍ଥାର ସବୁଠାରୁ ବଡ଼ ଦୁର୍ବଳତା। ଏଠାରେ ଶିକ୍ଷା ଅନେକଙ୍କ ପାଇଁ ଏକ ବୋଝ ପାଲଟିଯାଇଛି। ସେମାନେ ଶିକ୍ଷାକୁ ଏକ ସୁଯୋଗ ବା ସୁଖମୟ ଅନୁଭୂତି ଭାବେ ବିଚାର କରୁନାହାଁନ୍ତି। ଅନେକ ଛାତ୍ରଛାତ୍ରୀ ନିଜ ପସନ୍ଦ ବିରୋଧରେ ପାଠ ପଢ଼ନ୍ତି। କେଉଁ ପାଠ ପଢ଼ିଲେ ସହଜରେ ସେମାନେ ନିଯୁକ୍ତି ସୁଯୋଗ ପାଇବେ ସେଥିଲାଗି ସେମାନେ ଚିନ୍ତା କରୁଛନ୍ତି। ଅନେକ ସମୟରେ ବାପା-ମା'ଙ୍କ ଇଚ୍ଛାକୁ ସମ୍ମାନ ଦେଇ ସେମାନେ ପାଠ ପଢୁଛନ୍ତି। ଯାହାର କଳାରେ ଦଖଲ ରହିଛି, ସେ ବିଜ୍ଞାନ ପଢୁଛି। ବିଫଳ ହେଲେ ସେ ଏଥିପାଇଁ ନିଜକୁ ଦୋଷୀ ବୋଲି ବିଚାର କରୁଛି ଏବଂ ଅନେକ ସମୟରେ ମାନସିକ ଚାପ ସହ୍ୟ କରିନପାରି ଆତ୍ମହତ୍ୟା ଭଳି ଏକ ଜଘନ୍ୟ ପଥ ଆପଣାଉଛି। ଏହା ସମଗ୍ର ଦେଶ ପାଇଁ ଏକ ଚିନ୍ତାର କାରଣ ହୋଇଛି। ଛାତ୍ର ସମାଜକୁ ଏଥିରୁ ଉଦ୍ଧାର କରିବା ଜରୁରୀ। ସେମାନଙ୍କୁ ବିନା ଚାପରେ ନିଜ ଇଚ୍ଛା ମୁତାବକ ପାଠ ପଢ଼ିବାକୁ ସୁଯୋଗ ଦିଆଯିବା ଜରୁରୀ। ସଫଳତା ଆପେ ଆପେ ଆସିଯିବ। ବଡ଼ ଚାକିରୀ କରିବା ଶିକ୍ଷାର ଲକ୍ଷ୍ୟ ନୁହେଁ। ନିଜକୁ ଉପଯୁକ୍ତ ଭାବେ ଗଢ଼ିବା ଏବଂ ଏକ ନିର୍ଦ୍ଦେଷ୍ଟ ବିଷୟରେ ନିପୁଣ ହେବା ଶିକ୍ଷାର ଉଦ୍ଦେଶ୍ୟ। ଜୀବନରେ ପରିବକ୍ୱତା ଆଣିବା ଶିକ୍ଷାର ଲକ୍ଷ୍ୟ। ସ୍କୁଲ କଲେଜର ପାଠ ସବୁକିଛି ନୁହେଁ। ଜୀବନରେ ଅନେକ ପରୀକ୍ଷା ଆସିବ। ସବୁ ପରୀକ୍ଷାରେ ଆମେ ନିଜ ଶତ ପ୍ରତିଶତ ସଫଳତା ପାଇବୁ ବୋଲି ଆଶା କରିବା ଅନୁଚିତ। ଗୋଟିଏ ପରୀକ୍ଷାରେ ବିଫଳ ହେଲେ ପରବର୍ତ୍ତୀ ପରୀକ୍ଷା ନିମନ୍ତେ ନିଜକୁ ପ୍ରସ୍ତୁତ କରିବା ଉଚିତ। ବିଫଳତା ଲାଗି ଆତ୍ମହତ୍ୟା ଏକ ଅପରାଧ। ଏହା ହେଉଛି ଆତ୍ମସର୍ପଣ। ବିଫଳତା ଆଗରେ ମୁଣ୍ଡ ତଳକୁ ନକରି ଆଗାମୀ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ହେଉଛି ପ୍ରକୃତ ବିଦ୍ୟାର୍ଥୀର ଧର୍ମ। ରାଜସ୍ଥାନର କୋଟା ସହର ଦେଶର କୋଚିଂ ସେଣ୍ଟର ଭାବେ ପରିଚିତ। ବିଭିନ୍ନ ରାଜ୍ୟରୁ ଛାତ୍ରଛାତ୍ରୀମାନେ ଆସି ଏଠାରେ ସର୍ବଭାରତୀୟ ସ୍ତର ପ୍ରବେଶିକା ପରୀକ୍ଷା ନିମନ୍ତେ କୋଚିଂ ନିଅନ୍ତି। ଏଠାରେ ବହୁ ଦକ୍ଷ ଅଧ୍ୟାପକ/ଶିକ୍ଷକ ଛାତ୍ରମାନଙ୍କୁ ସଫଳତା ପାଇଁ ଠିକଣା ବାଟ ବତାନ୍ତି। ସେମାନଙ୍କ ମଧ୍ୟରୁ ଅନେକ ସଫଳତା ମଧ୍ୟ ପାଇଥାଆନ୍ତି। କିନ୍ତୁ ସମସ୍ତେ ସଫଳ ହୁଅନ୍ତି ନାହିଁ। ବିଫଳ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେତେକ ଏଥିପାଇଁ ନୈରାଶ୍ୟରେ ଆତ୍ମହତ୍ୟା କରନ୍ତି। ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଚଳିତ ବର୍ଷ କେବଳ କୋଟାରେ ୩୪ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ବାସ୍ତବରେ ଏହା ଏକ ଉଦବେଗର ବିଷୟ। ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀମାନେ ମଧ୍ୟ ବେଧାବୀ ଏବଂ ଅଧ୍ୟବସାୟୀ। କିନ୍ତୁ ପ୍ରସ୍ତୁତିରେ ସାମାନ୍ୟ ତ୍ରୁଟିରୁ ସେମାନେ ବିଫଳ ହୋଇଛନ୍ତି। ହୁଏତ ସେମାନେ ଭିନ୍ନ ପରୀକ୍ଷାରେ କୃତିତ୍ୱ ହାସଲ କରିଥାନ୍ତେ।

# ଓଡ଼ିଶାର କ୍ରୀଡ଼ାକ୍ଷେତ୍ର ଓ ଚାମ୍ପିଅନ୍ ପ୍ରତିଭା

॥ ବିପିନ ବିହାରୀ ରାଉତ ॥

> "ରାଜ୍ୟ ସରକାର ବିଭିନ୍ନ ଉଦ୍ୟୋଗଙ୍କ ସହ ଚୁକ୍ତି ସ୍ୱାକ୍ଷର କରି କ୍ରୀଡ଼ା ଉତ୍କର୍ଷ କେନ୍ଦ୍ର ଏବଂ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର ଖୋଲିଛନ୍ତି। ପରେ ରିଲାଏନ୍ସ ସହଯୋଗରେ ଆଥଲେଟିକ, ଜେଏସଡବ୍ଲ୍ୟୁ ସହଯୋଗରେ ସନ୍ତରଣ, ଅଭିନବ ବିନ୍ଦ୍ରାଙ୍କ ସହାୟତାରେ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର, ଗଗନ ନାରଙ୍ଗଙ୍କ ସହାୟତାରେ ସୁଟିଂ, ଉତ୍କର୍ଷ କେନ୍ଦ୍ର ଏବଂ ଅନ୍ୟ ଉଦ୍ୟୋଗମାନଙ୍କ ସହଯୋଗରେ ଭାରୋତ୍ତୋଳନ, ଜିମ୍ନାଷ୍ଟିକ, ବ୍ୟାଡ଼ମିଣ୍ଟନ, ଫୁଟବଲ ପ୍ରଭୃତି ଉତ୍କର୍ଷ କେନ୍ଦ୍ରର ପ୍ରତିଷ୍ଠା ହୋଇଛି।

ସମଗ୍ର ବିଶ୍ୱ ଦରବାରରେ ଓଡ଼ିଶା ବିଶେଷ କରି କ୍ରୀଡ଼ା କ୍ଷେତ୍ରରେ ନିଜ ସ୍ୱତନ୍ତ୍ରତା ପ୍ରତିପାଦିତ କରିପାରିଛି। ଏକ ଦଶନ୍ଧିର ସୀମିତ ଅବଧି ମଧ୍ୟରେ ଓଡ଼ିଶା ଜାତୀୟ କ୍ରୀଡ଼ା ଦୃଶ୍ୟପଟରେ ଗଢ଼ିଛି ନିଜର ସ୍ୱତନ୍ତ୍ର ପରିଚୟ। ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ସାଙ୍ଗକୁ କ୍ରୀଡ଼ାବିତ ମାନଙ୍କୁ ଅତ୍ୟାଧୁନିକ ପ୍ରଶିକ୍ଷଣ ଯୋଗାଇ ଦେବାରେ ଆଦୌ କୁଣ୍ଠା ପ୍ରକାଶ କରିନାହିଁ। ଏଥିପାଇଁ ବିନିଯୋଗ ହୋଇଛି ହଜାର ହଜାର କୋଟି ଟଙ୍କା। ତୃଣମୂଳ ସ୍ତରରୁ ପ୍ରତିଭାବାନ କ୍ରୀଡ଼ାବିତଙ୍କୁ ଚୟନ କରାଯାଇ ଦିଆଯାଇଛି ସ୍ୱତନ୍ତ୍ର ପ୍ରଶିକ୍ଷଣ। ଏ ପରିଶ୍ରମ କେବେ ବୃଥା ଯିବ ନାହିଁ। ଆଗାମୀ ଦିନରେ ଓଡ଼ିଶାରୁ ବାହାରିବେ ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିଅନ। ଏହା କଳ୍ପନା ନୁହେଁ ବାସ୍ତବତା। କାରଣ ବିଶ୍ୱ ଚାମ୍ପଅନ ସୃଷ୍ଟି କରିବାର ଯେଉଁ ଭିତ୍ତିଭୂମି ଓ ପ୍ରଶିକ୍ଷଣର ଆବଶ୍ୟକତା ରହିଛି, ତାହାର ଅଭାବ ଆଉ ଓଡ଼ିଶାରେ ନାହିଁ।

ଓଡ଼ିଶାରେ ଆଧୁନିକ କ୍ରୀଡ଼ା ହକି, ଆଥଲେଟିକ୍ସ, ଟେନିସ, ଫୁଟବଲ ପ୍ରଭୃତିର ପରମ୍ପରା ଶହେ ବର୍ଷରୁ ଉର୍ଦ୍ଧ୍ୱ ସମୟ ପୂର୍ବରୁ ଆରମ୍ଭ ହେବାର ନଜିର ମିଳେ। ଖେଳ ଥିଲା, ଖେଳାଳି ଥିଲେ ଏବଂ ଖେଳ ପଡ଼ିଆ ବି ଥିଲା ମାତ୍ର ଜାତୀୟ ସଫଳତା ଠାରୁ ଓଡ଼ିଶା ବହୁ ପଛରେ ରହିଥିଲା। ତଥାପି ଆମେ ମୀନତି ମହାପାତ୍ର, ରଚିତା ମିସ୍ତ୍ରୀ ପଣ୍ଡା, ଅନୁରାଧା ବିଶ୍ୱାଳ, ବିଜୟ କୁମାର ଶତପଥୀ, ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ଜ୍ୟୋତି ସୁନୀତା କୁଲୁ, ଇଗ୍ନେସ ତିର୍କୀ, କେ.ରବି.କୁମାର, ଦୂତି ଚାନ୍ଦ, ପ୍ରମୋଦ ଭଗତ, ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ, ଦୀପଗ୍ରେସ ଏକ୍କା, ଅମିୟ କୁମାର ମଲ୍ଲିକଙ୍କ ଠାରୁ କିଶୋର କୁମାର ଜେନାଙ୍କ ପର୍ଯ୍ୟନ୍ତ ଏକାଧିକ ପ୍ରତିଭାବାନ ଅନ୍ତର୍ଜାତୀୟ କ୍ରୀଡ଼ାବିତ ସୃଷ୍ଟି କରିବାରେ ସଫଳ ହୋଇଛୁ। ବହୁ ଅଭାବ ଅସୁବିଧା ସତ୍ତ୍ୱେ ଏହି କ୍ରୀଡ଼ାବିତମାନେ ଦେଶକୁ ଗୌରବାନ୍ୱିତ କରିଛନ୍ତି। କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହନ, କ୍ରୀଡ଼ା ଆୟୋଜନ ଏବଂ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ କ୍ଷେତ୍ରରେ ଓଡ଼ିଶା ଦେଶରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟି ଯାଇଛି।

ଏହି ଆଧାରରେ କଳିଙ୍ଗ ଷ୍ଟାଡିୟମରେ ନିର୍ମାଣ ହେଲା ୬ ହଜାର ଦର୍ଶକ ଧାରଣ ବିଶିଷ୍ଟ ଏକ ହକି ଷ୍ଟାଡିୟମ। ନବନିର୍ମିତ ହକି ଷ୍ଟାଡିୟମରେ ୨୦୧୪ ଜାନୁଆରୀ ମାସରୁ ହକି ଇଣ୍ଡିଆ ଲିଗ ଆରମ୍ଭ ହେଲା ନୂଆ ହକି ପର୍ବ। ୨୦୨୨-୨୩ରେ ୯୧୧ କୋଟି ଏବଂ ୨୦୨୩-୨୪ରେ ବଜେଟ ୧୨୧୭ କୋଟି ରହିଥିଲା। ଯାହା ଜାତୀୟ କ୍ରୀଡ଼ା ବଜେଟର ୩୩୯୭.୩୨ କୋଟି ଅଧା କହିଲେ ଭୁଲ ହେବନାହିଁ। ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ଦେଶର 'କ୍ରୀଡ଼ାହବ୍' ଏବଂ ଭୁବନେଶ୍ୱରକୁ ଦେଶର 'କ୍ରୀଡ଼ା ରାଜଧାନୀ' ଭାବେ ଗଢ଼ି ତୋଳିବା ନେଇ ବିଭିନ୍ନ ଯୋଜନା ହାତକୁ ନେଲେ। ଏହାପରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗଢ଼ି ଉଠିଲା ଗୋଟିଏ ପରେ ଗୋଟିଏ କ୍ରୀଡ଼ା ଭିତ୍ତିଭୂମି।

ରାଜ୍ୟ ସରକାର ବିଭିନ୍ନ ଉଦ୍ୟୋଗଙ୍କ ସହ ଚୁକ୍ତି ସ୍ୱାକ୍ଷର କରି କ୍ରୀଡ଼ା ଉତ୍କର୍ଷ କେନ୍ଦ୍ର ଏବଂ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର ଖୋଲିଛନ୍ତି। ପରେ ରିଲାଏନ୍ସ ସହଯୋଗରେ ଆଥଲେଟିକ, ଜେଏସଡବ୍ଲ୍ୟୁ ସହଯୋଗରେ ସନ୍ତରଣ, ଅଭିନବ ବିନ୍ଦ୍ରାଙ୍କ ସହାୟତାରେ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର, ଗଗନ ନାରଙ୍ଗଙ୍କ ସହାୟତାରେ ସୁଟିଂ, ଉତ୍କର୍ଷ କେନ୍ଦ୍ର ଏବଂ ଅନ୍ୟ ଉଦ୍ୟୋଗମାନଙ୍କ ସହଯୋଗରେ ଭାରୋତ୍ତୋଳନ, ଜିମ୍ନାଷ୍ଟିକ, ବ୍ୟାଡ଼ମିଣ୍ଟନ, ଫୁଟବଲ ପ୍ରଭୃତି ଉତ୍କର୍ଷ କେନ୍ଦ୍ରର ପ୍ରତିଷ୍ଠା ହୋଇଛି। ଦର୍ଶକ ଧାରଣ କ୍ଷମତା ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗକୁ ଆଧାର କରି ରାଉରକେଲାରେ ନିର୍ମିତ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଗିନିଜ ବୁକ ଅଫ୍ ରେକର୍ଡ଼ରେ ସ୍ଥାନ ପାଇଛି। ଯାହା ଓଡ଼ିଶା ପାଇଁ ଗର୍ବର ବିଷୟ। ୨୬୦ କୋଟି ଟଙ୍କାରେ ଏହି ଷ୍ଟାଡିୟମ ମାତ୍ର ୧୫ ମାସ ମଧ୍ୟରେ ନିର୍ମାଣ ହୋଇଥିଲା। ମୁଖ୍ୟ କଳିଙ୍ଗ ଷ୍ଟାଡିୟମ (ଆଥଲେଟିକ୍ସ ଓ ଫୁଟବଲ)ର ପଶ୍ଚିମ ପାର୍ଶ୍ୱକୁ ଆଥଲେଟିକ ଓ ଫୁଟବଲ ଅଭ୍ୟାସ ପଡ଼ିଆ ଏବଂ ଏହାର ପଶ୍ଚିମ ପାର୍ଶ୍ୱକୁ ନିର୍ମାଣ ହୋଇଛି ଦେଶର ପ୍ରଥମ ଆଥଲେଟିକ୍ସ ଇନଡୋର ଷ୍ଟାଡିୟମ।

ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଟେନିସ କୋର୍ଟ ରହିଥିଲା। କିନ୍ତୁ ଟେନିସକୁ ନେଇ ଅତ୍ୟାଧୁନିକ ବ୍ୟବସ୍ଥା ନଥିଲା। ୧୨୦୦ରୁ ଉର୍ଦ୍ଧ୍ୱ ଦର୍ଶକ ବସି ମ୍ୟାଚ ଦେଖିପାରିବା ଭଳି ଏକ ଷ୍ଟାଡିୟମ ନିର୍ମିତ ହୋଇଛି। ଏଠାରେ ଚଳିତ ବର୍ଷ ଜୁନିୟ ବର୍ଗରେ ଏକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଷ୍ଟାଡିୟମରେ ଖେଳାଳିଙ୍କ ପାଇଁ ସମସ୍ତ ଆଧୁନିକ ସୁବିଧା ରହିଛି। ୨୦୧୪ରେ ହକି ଚାମ୍ପିଅନ୍ସ ଟ୍ରଫି, ୨୦୧୭ରେ ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ, ୨୦୧୯ରେ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିଅନସିପ, ୨୦୧୮ ଓ ୨୦୨୩ରେ କ୍ରମାନ୍ୱୟରେ ଦୁଇଥର ପୁରୁଷ ହକି ବିଶ୍ୱକପ, ୨୦୨୧ରେ ଜୁନିୟର ହକି ବିଶ୍ୱକପ, ୨୦୨୨ରେ ୧୭ ବର୍ଷରୁ କମ ଫିଫା ମହିଳା ବିଶ୍ୱକପ, ସାଫ ୨୦ ବର୍ଷରୁ କମ ଚାମ୍ପିଅନସିପ, ଇଣ୍ଟର କଣ୍ଟିନେଣ୍ଟାଲ କପ-୨୦୨୩, ମହିଳା ଗୋଲ୍ଡ କପ ପ୍ରଭୃତି ପ୍ରତିଯୋଗିତାର ସଫଳ ଆୟୋଜନ କରି ଓଡ଼ିଶା ଅନ୍ତର୍ଜାତୀୟ କ୍ରୀଡ଼ା ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ବିଶେଷ କରି ୨୦୧୮ ଓ ୨୦୨୩ ହକି ବିଶ୍ୱକପ ଆୟୋଜନ କରି ବିଶ୍ୱରେ ଓଡ଼ିଶା ଅଧିକ ପ୍ରଶଂସିତ ହୋଇପାରିଥିଲା। ରାଜ୍ୟ ସରକାର ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର, ଯାଜପୁର ଓ ପୁରୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ କରୁଛନ୍ତି। କେବଳ ସୁନ୍ଦରଗଡ଼ ଜିଲ୍ଲାର ୧୭ଟି ବ୍ଲକରେ ଆଷ୍ଟ୍ରୋ ଟର୍ଫ ବିଛା ଯାଉଛି। ସାରା ରାଜ୍ୟରେ ୮୯ଟି ବହୁମୁଖୀ ଇନଡୋର ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି। ରାଜ୍ୟରେ ଏ ପର୍ଯ୍ୟନ୍ତ ଯେତିକି କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ ହୋଇଛି ସେଥିପାଇଁ ୨୫୦୦ କୋଟିରୁ ଉର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ ହୋଇ ସାରିଲାଣି। ଓଡ଼ିଶାର ବିଭିନ୍ନ ଶିକ୍ଷାୟତନରେ ନିକଟରେ ଜାତୀୟ କ୍ରୀଡ଼ା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ମର୍ମରେ କଟକ ସିଡିଏ ସେକ୍ଟର ଆଠସ୍ଥିତ ନାଳନ୍ଦା ପବ୍ଲିକ ସ୍କୁଲ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ଅନୁଷ୍ଠିତ ହୋଇଯାଇଛି। ସୂଚନାଥାଉକି ଭାରତୀୟ ହକିର କିମ୍ବଦନ୍ତୀ ପୁରୁଷ ମେଜର ଧ୍ୟାନଚାନ୍ଦ ସିଂହଙ୍କ ତାଙ୍କର ପବିତ୍ର ଜନ୍ମ ତିଥିକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି। କାର୍ଯ୍ୟକ୍ରମରେ ସାହିତ୍ୟିକ, କବୟିତ୍ରୀ ତଥା ନାଳନ୍ଦା ପବ୍ଲିକ ସ୍କୁଲର ଅଧକ୍ଷା ସୁଶ୍ରୀ ଯଶସ୍ୱିନୀ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଆମ ଦୈନନ୍ଦିନ ଜୀବନରେ କ୍ରୀଡ଼ା ଓ ବିଭିନ୍ନ ଶାରୀରିକ କାର୍ଯ୍ୟକଳାପର ଗୁରୁତ୍ୱପୂର୍ଣ୍ଣ ଭୂମିକା ବାବଦରେ ସଚେତନ କରାଇବା ସହ କ୍ରୀଡ଼ା ଏଭଳି ଏକ ମାଧ୍ୟମ ଯାହାଦ୍ୱାରା ବିଶେଷକରି କୋମଳମତି ଛାତ୍ରଛାତ୍ରୀଙ୍କୁ ଏକ ସୁସ୍ଥ, ଅଭିବୃଦ୍ଧିସମ୍ପନ୍ନ, ଦକ୍ଷ ସମର୍ଥ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିବା ସହ ଏହା ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ ହୋଇ ବିଭିନ୍ନ କ୍ରୀଡ଼ାରେ ସାମିଲ ହେବା ଲାଗି ପ୍ରୋତ୍ସାହିତ କରୁଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷାବିତ ଓ କ୍ରୀଡ଼ାବିତମାନେ ଯୋଗ ଦେଇଥିଲେ। ସୂଚନାଥାଉକି ଏହି ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ବିଶେଷ ଭାବେ କ୍ରୀଡ଼ା ପାଇଁ ପ୍ରୋତ୍ସାହିତ କରିବା ସହ ଅନେକ ବିଦ୍ୟାର୍ଥୀ ରାଜ୍ୟ ଓ ଜାତୀୟସ୍ତରୀୟ କ୍ରୀଡ଼ା ସମୂହରେ ଯୋଗ ଦେଇ ସଫଳତା ପାଇବା ସହ କେବଳ ବିଦ୍ୟାଳୟର ନୁହେଁ ରାଜ୍ୟର ଗୌରବକୁ ଅଭିବୃଦ୍ଧି କରିଛନ୍ତି। ଏହି ଅବସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରାଯାଇ ସଫଳ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ମାସରେ ଜିମ୍ନାଷ୍ଟିକ ଉତ୍କର୍ଷ କେନ୍ଦ୍ରର ଉଦଘାଟନ କରିଥିଲେ। ଜିମ୍ନାଷ୍ଟିମାନେ ଏଠାରେ ରହି ନିୟମିତ ଅଭ୍ୟାସ କରିବାର ବ୍ୟବସ୍ଥା କରାଯାଇଛି। ଭାରତୀୟ ହକିର ପୁନରୁତ୍ଥାନରେ ଓଡ଼ିଶାର ରହିଛି ପ୍ରମୁଖ ଭୂମିକା। ୨୦୧୮ରେ ଓଡ଼ିଶା ହକି ଇଣ୍ଡିଆର ମୁଖ୍ୟ ପ୍ରାୟୋଜକ ପାଇଁ ୫ ବର୍ଷିଆ ଚୁକ୍ତି କରିଥିଲେ। କେବଳ ହକି ନୁହେଁ ରଗବୀ ଓ ଫୁଟବଲକୁ ମଧ୍ୟ ରାଜ୍ୟ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। କୌଣସି ଜାତୀୟ ସ୍ତରର କ୍ରୀଡ଼ାର ମୁଖ୍ୟ ପ୍ରାୟୋଜକ ହେବା କ୍ଷେତ୍ରରେ ଓଡ଼ିଶା ପ୍ରଥମ ରାଜ୍ୟ। ଓଡ଼ିଶା କେବଳ ଭିତ୍ତିଭୂମି ନିର୍ମାଣ, କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହନ କ୍ଷେତ୍ରରେ ସୀମିତ ରହିନାହିଁ। ତୃଣମୂଳ ସ୍ତରରୁ କ୍ରୀଡ଼ାବିତ ବାହାର କରିବା ନେଇ ପ୍ରୟାସ ଜାରି ରଖିଛି। ସେମାନଙ୍କୁ ଅତ୍ୟାଧୁନିକ ପ୍ରଶିକ୍ଷଣ ଦେଇ ଭବିଷ୍ୟତ ପାଇଁ ମଧ୍ୟ ପ୍ରସ୍ତୁତ କରୁଛି। ଓଡ଼ିଶା ଆଥଲେଟିକ୍ ଇତିହାସରେ ଜାଭେଲିନ ଥ୍ରୋୟର କିଶୋର କୁମାର ଜେନା ଯୋଡ଼ିଛନ୍ତି ନୂଆ ଫର୍ଦ୍ଦ। ବୁଦାପେଷ୍ଟ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପର ଫାଇନାଲକୁ ଉନ୍ନୀତ ହେବା ଏବଂ ଫାଇନାଲରେ କ୍ୟାରିୟରରେ ଶ୍ରେଷ୍ଠ ପ୍ରଦର୍ଶନ ଦେଇ ପଞ୍ଚମ ସ୍ଥାନ ହାସଲ କରିବା କମ ଗୌରବର ବିଷୟ ନଥିଲା। ପ୍ରଥମ ଓଡ଼ିଆ ଭାବେ ସେ ବିଶ୍ୱ ଚାମ୍ପିଅନସିପ ଫାଇନାଲିଷ୍ଟ ତାଲିକାରେ ସ୍ଥାନ ପାଇଥିଲେ। ଓଡ଼ିଶାର କ୍ରୀଡ଼ା ପ୍ରତିଭାମାନେ ସମଗ୍ର ବିଶ୍ୱରେ ନିଜର, ରାଜ୍ୟର ଓ ଦେଶର ଗୌରବ ବୃଦ୍ଧିରେ ଆଗେଇ ଚାଲିଛନ୍ତି। ସେମାନଙ୍କର ସଫଳତାର ଯାତ୍ରା ଆହୁରି ଆଗକୁ ବଢ଼ି ଚାଲୁ।

ଶ୍ରୀବିହାର କଲୋନୀ, କଟକ, ଦୂରଭାଷ : ୯୪୩୭୬୬୭୪୫୩,

# ବଦଳିବ ପୁରୁଣା ଦଣ୍ଡ ସଂହିତା

॥ ଗୋପାଳ ମହାପାତ୍ର ॥

ଆମ ଦେଶରେ କେଉଁ ଅପରାଧ ପାଇଁ କଣ ଦଣ୍ଡ ଦିଆଯିବ ତାହା ଭାରତୀୟ ଦଣ୍ଡ ସଂହିତା ଦ୍ୱାରା ହିଁ ସ୍ଥିର କରାଯାଇଥାଏ। ଦଣ୍ଡ ସଂହିତାରେ ୫୦୦ରୁ ଅଧିକ ଧାରା ରହିଛି ଓ ଭିନ୍ନ ଭିନ୍ନ ଅପରାଧ ପାଇଁ ଦଣ୍ଡ ବାବଦରେ ଉଲ୍ଲେଖ ରହିଛି। ପାଖାପାଖି ୧୬୦ ବର୍ଷର ପୁରୁଣା ଏହି ଦଣ୍ଡ ସଂହିତାରେ ଅନେକ ସମୟରେ ପରିବର୍ତ୍ତନ କରାଯାଇଛି, କିନ୍ତୁ ଏହାର ମୂଳ ସ୍ୱରୂପ ବଦଳି ନାହିଁ। ଏବେ କେନ୍ଦ୍ର ସରକାର ଏହି ଦଣ୍ଡ ସଂହିତାରେ ବ୍ୟାପକ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ସଂସଦର ମୌସୁମୀ ଅଧିବେଶନ ବେଳେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଲୋକସଭାରେ ଭାରତୀୟ ଦଣ୍ଡ ସଂହିତା (ଆଇ.ପିସି), ଦଣ୍ଡ ପ୍ରକ୍ରିୟା ସଂହିତା (ସି.ଆର.ପିସି) ଏବଂ ସାକ୍ଷ ଅଧିନିୟମ (ଏଭିଡେନସ ଆକ୍ଟ) ବଦଳରେ ୩ ନୂଆ ଆଇନ ଅଣାଯିବା ପାଇଁ ବିଧାୟକ ଆଗତ କରିଥିଲେ। ସଂସଦୀୟ ପ୍ରକ୍ରିୟା ପୁରଣ ହେବା ପରେ ଏହି ୩ ନୂଆ ଆଇନ୍ କାର୍ଯ୍ୟକାରୀ ହେବ। ଏଯାବତ୍ ୧୮୬୦ ମସିହାରେ ଇଂରେଜ ମାନେ ପ୍ରଣୟନ କରିଥିବା ଆଇନର ଆଧାରରେ ଦେଶର ଅପରାଧିକ ନ୍ୟାୟ ପ୍ରଣାଳି ଚାଲି ଆସୁଛି। ନୂଆ ଆଇନ୍ କାର୍ଯ୍ୟକାରୀ ହେଲେ ପୁରୁଣା ଆଇନ୍‌ର ପରିବର୍ତ୍ତନ ହେବ। ନୂଆ ଆଇନ୍‌ରେ ମହିଳା ମାନଙ୍କ ସୁରକ୍ଷା ପାଁଇ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏକଥା ମଧ୍ୟ ସତ୍ୟ ଯେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଯେଉଁ ବିଧାୟକ ଆଗତ କରିଛନ୍ତି ତାହା ସମୟରେ ଆବଶ୍ୟକତା। ଏବେର ଆଇନ୍ ଅନୁସାରେ କାହାରିକୁ ଅପରାଧି ଭାବେ ଗିରଫ କରାଗଲେ କେତେ ସମୟ (ଦିନ) ମଧ୍ୟରେ ମାମଲାର ବିଚାର ସରିବ ସେ ବାବଦରେ କିଛି ଉଲ୍ଲେଖ ନାହିଁ। କିନ୍ତୁ ନୂଆ ଆଇନ୍ ଅନୁସାରେ ଟ୍ରାଏଲ୍ କୋର୍ଟକୁ ୩ ବର୍ଷ ମଧ୍ୟରେ ବିଚାର କରିବାକୁ ପଡିବ। ଅନ୍ୟ ପକ୍ଷରେ ରାଜଦ୍ରୋହ ଆଇନ୍ ବଦଳରେ ଦେଶଦ୍ରୋହ ଆଇନ୍ କାର୍ଯ୍ୟକାରୀ ହେବ। ଭାରତୀୟ ଦଣ୍ଡ ସଂହିତାର ଅନେକ ଧାରାକୁ ବାଦ୍ ଦିଆଯାଇ ୩୫୬ଟି ଧାରା ରଖାଯିବ ଓ ଶହେରୁ ଅଧିକ ଧାରାକୁ ପରିବର୍ତ୍ତନ କରାଯିବ। କିଛି ନୂଆ ରଖାଯିବ ଓ ଶହେରୁ ଅଧିକ ଧାରାକୁ ପରିବର୍ତ୍ତନ କରାଯିବ। କିଛି ନୂଆ ଧାରା ମଧ୍ୟ ଯୋଡାଯିବ। ଛୋଟ ଛୋଟ ଅପରାଧ ପାଁଇ ଜେଲକୁ ପଠାଯିବା ପରିବର୍ତ୍ତେ ଦଣ୍ଡ ସ୍ୱରୂପ ସାମୁଦାୟିକ ସେବାର ପ୍ରାବଧାନ ରଖାଯିବ। ଏହିଭଳି ମବ୍ ଲିଚିଙ୍ଗ୍, ଲଭ ଜିହାଦ ଭଳି ମାମଲାରେ କଠିନ ଦଣ୍ଡର ବ୍ୟବସ୍ଥା ନୂଆ ଆଇନ୍‌ରେ ରହିଛି। ଦେଶର ଯେ କୌଣସି ସ୍ଥାନରେ ଏଫ୍.ଆଇ.ଆର୍ ଦରଜ କରାଯାଇ ପାରିବା ଭଳି ଅନେକ ପ୍ରାବଧାନ ରହିଛି। ଏହା ଫଳରେ ଅଦାଲତରେ ମାମଲାର ବୋଝ କମିବ।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଯଦି ଅଧିବେଶନ ପ୍ରାରମ୍ଭର ଏହି ବିଧେୟକକୁ ଆଗତ କରିଥାନ୍ତେ ତେବେ ଲୋକସଭାରେ ଗୃହୀତ ହେବା ସହ ରାଜ୍ୟ ସଭାରେ ଗୃହୀତ ହୋଇପାରିଥାନ୍ତା। ଏବେ ଶୀତକାଳୀନ ଅଧିବେଶନ ପର୍ଯ୍ୟନ୍ତ ଅପେକ୍ଷା କ ରିବାକୁ ହେବ। ଅନେକ ଆଇନ୍ ବିଶାରଦ ଏହାକୁ ସ୍ୱାଗତ କରିଛନ୍ତି। ମୁଖ୍ୟ କଥା ହେଉଛି ବର୍ତ୍ତମାନର ପ୍ରଚଳିତ ଆଇନ୍ ୧୦୦ ବର୍ଷ ପୂର୍ବେ ପ୍ରଣୟନ କରାଯାଇଥିଲା ଓ ସମାଜର ବର୍ତ୍ତମାନର ସ୍ଥିତି ଅନୁସାରେ ଏଥିରେ ସଂଶୋଧନ କରାଯିବାର ଆବଶ୍ୟକତା ରହିଛି। ଦେଶ ସ୍ୱାଧୀନ ହେବା ପରେ ଇଂରେଜ ମାନଙ୍କ ଦ୍ୱାରା ପ୍ରଣୀତ ଅନେକ ଦେୱାନୀ ଏବଂ ଫୌଜଦାରୀ ଆଇନକୁ ଯଥାବତ୍ ସ୍ୱୀକାର କରାଯାଇଥିଲା। ଯଦିଓ ଅନେକ ସମୟରେ ଏଥିରେ କିଛି ସଂଶୋଧନ କରାଯାଇଥିଲା ତଥାପି ଆଇନ୍‌ର ମୂଳ ଢାଞ୍ଚା ଇଂରେଜ ଶାସନ ବେଳର ରହିଛି। ନ୍ୟାୟାଳୟର କାର୍ଯ୍ୟ ପ୍ରଣାଳୀରେ ମଧ୍ୟ ଔପନିବେଶିକ ସମୟର ଛାପ ରହିଛି। ବର୍ତ୍ତମାନ ସରକାର ନୂଆ ଆଇନ୍ ପାଇଁ ଯେଉଁ ବିଧେୟକ ଆଗତ କରିଛନ୍ତି ସେଥିରେ ମବ୍ ଲିଞ୍ଚିଙ୍ଗ୍ ଏବଂ ନାବାଳିକା ଙ୍କୁ ଦୁଷ୍କର୍ମ ଘଟଣାରେ ମୃତ୍ୟୁ ଦଣ୍ଡର ପ୍ରାବଧାନ ରଖାଯାଇଛି। ସରକାର ମବ୍ ଲିଞ୍ଚିଙ୍ଗ୍‌କୁ ହତ୍ୟା ବୋଲି ପରିଭାଷିତ କରିଛନ୍ତି। ଯେତେବେଳେ ୫ରୁ ଅଧିକ ଲୋକ ବା ଗୋଷ୍ଠୀ ଜାତି, ସମୁଦାୟ, ଲିଙ୍ଗ, ଭାଷାକୁ ଆଧାର କରି କାହାରିକୁ ହତ୍ୟା କରିଥାନ୍ତି ତାକୁ ମବ୍ ଲିଞ୍ଚିଙ୍ଗ୍ କୁହାଯାଇଥାଏ। ଏଥିପାଇଁ ଅପରାଧିଙ୍କୁ ୭ ବର୍ଷର ଜେଲଦଣ୍ଡ ଏବ ଅଧିକତମ ମୃତ୍ୟୁଦଣ୍ଡ ଏବଂ ଜୋରିମାନା ର ପ୍ରାବଧାନ ରଖାଯାଇଛି। ସାମୁହିକ ଦୁଷ୍କର୍ମ ମାମଲାରେ ଅପରାଧି ମାନଙ୍କୁ ୨୦ ବର୍ଷ ବା ଆଜୀବନ ଜେଲ ଦଣ୍ଡର ବ୍ୟବସ୍ଥା କରାଯାଇଛି। ୧୮ ବର୍ଷର ଯୁବତୀ ସହ ଦୁଷ୍କର୍ମ ମାମଲାରେ ଅଧିକତମ ମୃତ୍ୟୁ ଦଣ୍ଡର ବ୍ୟବସ୍ଥା ରହିଛି।

ନୂଆ ଆଇନ୍‌ରେ ଜାଲିଆତି କରି ଦେଶ ଛାଡି ବିଦେଶକୁ ପଳାଇ ଯାଉଥିବା ଅପରାଧିଙ୍କ ପାଇଁ ଦଣ୍ଡର ବ୍ୟବସ୍ଥା କରାଯାଇଛି। ନ୍ୟାୟଳୟରେ ଦେଶ ଛାଡି ପଳାଇ ଯାଉଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ତାଙ୍କ ଅନୁପସ୍ଥିତିରେ ମାମଲା ଚାଲି ପାରିବ ବୋଲି ନୂଆ ଆଇନରେ ଉଲ୍ଲେଖ ରହିଛି। ବର୍ତ୍ତମାନର ନ୍ୟାୟ ବ୍ୟବସ୍ଥାରେ ମାମଲାର ବିଚାର ସରିବା ପର୍ଯ୍ୟନ୍ତ କିଛି ଲୋକ ତାଙ୍କୁ ମିଳିବାକୁ ଥିବା ଦଣ୍ଡ ଅବଧି ଠାରୁ ଅଧିକ ସମୟ ପର୍ଯ୍ୟନ୍ତ ଜେଲରେ ବିଚାରଧିନ କଏଦୀ ଭାବେ ବିତାଇଥାନ୍ତି। ଅନେକ ନିର୍ଦ୍ଦୋଷ ବ୍ୟକ୍ତି ମଧ୍ୟ ଜେଲରେ ସଢୁଛନ୍ତି। ଅନ୍ୟ ପକ୍ଷରେ ଦୋଷୀ ନିର୍ଦ୍ଦ୍ୱନ୍ଦରେ ବୁଲୁଛନ୍ତି। ଏକ ପ୍ରକାର ମାମଲାରେ ଜଣକୁ ତୁରନ୍ତ ଜାମିନ ମିଳି ଯାଉଥିବା ବେଳେ କେତେକଙ୍କୁ ଜାମିନ ମିଳିପାରୁନାହିଁ। କାରଣ ହେଉଛି ଜାମିନ ପାଇଁ ଓକିଲ ଦେବାକୁ ତାଙ୍କ ପାଖରେ ଅର୍ଥର ଅଭାବ। ଏଣୁ ଦଣ୍ଡ ପ୍ରକ୍ରିୟା ସହ ଅଦାଲତି ବ୍ୟବସ୍ଥାର ମଧ୍ୟ ପରିବର୍ତ୍ତନ ଆବଶ୍ୟକ। ନ୍ୟାୟାଳୟ ବା ଅଦାଲତଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ମାମଲା ବିଚାର ପାଇଁ ବିଧେୟକରେ ଯେଉଁ ପ୍ରାବଧାନ ରଖାଯାଇଛି ତାହା ସ୍ୱାଗତ ଯୋଗ୍ୟ ନିଶ୍ଚୟ। ମୋଟାମୋଟି ଭାବେ କହିବାକୁ ଗଲେ ଦଣ୍ଡ ସଂହିତାରେ ପରିବର୍ତ୍ତନ ପାଇଁ ସରକାରଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ କିନ୍ତୁ ଏହାକୁ କାର୍ଯ୍ୟକାରୀ କରାଯିବା ପାଇଁ ଅନେକ ଚାଲେ ରହିଛି। ଏବେ ଅଦାଲତ ମାନଙ୍କରେ ଲକ୍ଷ ଲକ୍ଷ ମାମଲା ଲମ୍ବିତ ହୋଇ ରହିଛି। ଅଦାଲତ ମାନଙ୍କରେ ଆବଶ୍ୟକ ସଂଖ୍ୟକ ବିଚାରପତି ପଦବୀ ଖାଲି ପଡିଛି। ଅପରାଧର ତଦନ୍ତ ପାଇଁ ପର୍ଯ୍ୟାପ୍ତ ପୁଲିସ କର୍ମୀଙ୍କର ଅଭାବ ମଧ୍ୟ ରହିଛି। ଏସବୁର ସମାଧାନ ନହେବା ପର୍ଯ୍ୟନ୍ତ ନୂଆ ଆଇନ୍‌ର କାର୍ଯ୍ୟକାରୀତା ନେଇ ମଧ୍ୟ ଅବ୍ୟବସ୍ଥା ଦେଖାଯିବ।

ରାମଚନ୍ଦ୍ରପୁର, ରଣପୁର
ମୋ- ୯୪୩୮୪୮୫୦୯୪

# ଭାରତୀୟ ଜୀବନାଦର୍ଶର ବାଙ୍ଗମୟୀ ପ୍ରକାଶ

॥ ଦିଲ୍ଲୀପ କୁମାର ମହାରଣା ॥

ରାମାୟଣ ଭାରତୀୟ ଜୀବନାଦର୍ଶର ବାଙ୍ଗମୟୀ ପ୍ରକାଶ। ଏହା ମାନବର ଚିତ୍ତକୁ ଗଭୀର ଭାବରେ ପ୍ରଭାବିତ କରିପାରେ। ରାମାୟଣର ନୈତିକ ଆଦର୍ଶ, ଜାତୀୟ ଜୀବନବୋଧ ସାମାଜିକ ଚଳଣି ପ୍ରଭୃତି କାଳ କାଳ ଧରି ଏ ଜାତିର ଚିନ୍ତା ଚେତନା ଓ ଭାବ ବଳୟକୁ ଶାଣିତ କରିପାରିଛି। ଭାରତୀୟ ଜୀବନ ସଭ୍ୟତା ଓ ସଂସ୍କୃତିର ଏହା ହିଁ ଜୀବନ ବେଦ। ଏଥିରେ ପ୍ରାକ୍ତନ ଜୀବନଧାରା ଐତିହ୍ୟ ଓ ମାନବୀୟ ମନୀଷାର ଚିତ୍ର ଅତି ସୁନ୍ଦର ଭାବରେ ବର୍ଣ୍ଣିତ। ଏଣୁ ରାମାୟଣ ଭାରତୀୟ ଜୀବନର ମହାନ ଗଙ୍ଗୋତ୍ରୀ। ଏହା ଭାରତୀୟ ସଂସ୍କୃତିକୁ ଯେ ପ୍ରଭାବିତ କରିପାରିଛି ତା ନୁହେଁ, ପରନ୍ତୁ ଏହା ଭାରତର ବ୍ୟକ୍ତିଗତ ଜୀବନ, ଗାର୍ହସ୍ଥ୍ୟ ଜୀବନ, ସାମାଜିକ ଜୀବନ ଓ ରାଷ୍ଟ୍ରୀୟ ଜୀବନଧାରାକୁ ନିୟନ୍ତ୍ରିତ କରିପାରିଛି।

ହିନ୍ଦୀ ସାହିତ୍ୟରେ ରାମକଥା : ପୃଥିବୀର ସାହିତ୍ୟରେ ଯେତେଦୂର ସମ୍ଭବ ରାମାୟଣ କଥାପରି ଅନ୍ୟ କୌଣସି ଗ୍ରନ୍ଥ ଲୋକମାନଙ୍କ ଚିନ୍ତାଧାରା ଉପରେ ପ୍ରଭାବ ପକାଇ ପାରିନାହିଁ। ମହାକା ରାଜ୍ୟରେ ରାମାୟଣ ଅଦ୍ୱିତୀୟ ସ୍ଥାନ ଅଧିକାର କରିପାରିଛି। ବାଲ୍ମୀକିଙ୍କ ରାମାୟଣ ପରେ ଭାରତର ବିଭନ୍ନ ଭାଷାରେ ଓ ବିଭିନ୍ନ ସ୍ଥାନରେ ରାମାୟଣ ରଚିତ ହେଲା। ସେଥିମଧ୍ୟରୁ ତାମିଲ ଭାଷାର 'କମ୍ବ ରାମାୟଣ' ଓ ହିନ୍ଦୀ ଭାଷାରେ 'ରାମଚରିତ ମାନସ' ହେଉଛି ସର୍ବପ୍ରଥମ। ର.ଏସ୍.ସ୍ମିଥ, କହନ୍ତି ଯେ ଉତ୍ତର ଭାରତରେ ଏପରି କୌଣସି ଘର ନାହିଁ ଯେଉଁଥିରେ କି 'ରାମଚରିତ ମାନସ' ଆବୃତ୍ତି କଥା ଆଦୃତ ନ ହୋଇଛି। ବାଲ୍ମୀକି ତାଙ୍କ ରାମାୟଣ ଆରମ୍ଭରେ ଅଯୋଧାର ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ଦଶରଥ ମନ୍ତ୍ରୀ ପରିଷଦ ଏବଂ ପୁତ୍ର ଲାଭ ପାଇଁ କାମନା ପ୍ରସଙ୍ଗ ବର୍ଣ୍ଣନା କରିଥିବାବେଳେ ତୁଳସୀ ଦାସ ତାଙ୍କ 'ରାମ ଚରିତ ମାନସ' ଆରମ୍ଭରେ ବ୍ରହ୍ମା, ବିଷ୍ଣୁ ଶିବ, ଶେଷ ଦେବ, ଗଣେଶ, ପାର୍ବତୀ ଓ ସରସ୍ୱତୀଙ୍କର ସ୍ତୁତି କରିଛନ୍ତି। ଆଦିକବି ବାଲ୍ମୀକିଙ୍କ ରାମାୟଣ ହିନ୍ଦୀ ଭାଷାରେ ବିଶେଷ ଭାବରେ ପ୍ରଚଳିତ ଥିବାର ଜଣାଯାଏ। କବି କେଶରୀ ସିଂହ, ବିଷ୍ଣୁ ଦାସ, ସନ୍ତୋଷ ସିଂହ, ଛତ୍ରଧାରୀ, ଈଶ୍ୱରୀ ପ୍ରସାଦ, ମହେଶ ଦତ୍ତ, ସୋମନାଥ, ମଥୁରା ଦାଶ, ଶ୍ରୀକୃଷ୍ଣ ଭଟ୍ଟ, କବି କଳାନିଧି ପ୍ରଭୃତି କବିମାନେ ସଂସ୍କୃତ ଭାଷାରେ ରଚିତ ବାଲ୍ମୀକି ରାମାୟଣକୁ ହିନ୍ଦୀରେ ଅନୁବାଦ କରିଛନ୍ତି। ଏତଦବ୍ୟତୀତ ଗୋକୁଳ ନାଥ ଭଟ୍ଟ, କିଶୋରୀ ଦାସ ମହନ୍ତ, ରମାଦତ୍ତ ତ୍ରିପାଠୀ, ମାଧବ ଦାଶ ପ୍ରଭୃତି କବି ଆଧାତ୍ମ ରାମାୟଣକୁ ହିନ୍ଦୀରେ ଅନୁବାଦ କରି ବିଶେଷ ଲୋକପ୍ରିୟ କରିପାରିଛନ୍ତି। କବି ଭୂପତିଙ୍କର ଦେବ ଭାସ୍କର ରାମାୟଣ, ଭାଗବତ ଦାସଙ୍କର ରାମାୟଣ ହିନ୍ଦୀ ଭାଷାରେ ଦେଶ ଜନାଦୃତ। ବହ୍ଲରା ସଂପ୍ରଦାୟର କବି ସୁରଦାସଙ୍କର 'ସୁର ରାମାୟନ୍' ହିନ୍ଦୀ ଭାଷାରେ ବିଶେଷ ଲୋକପ୍ରିୟ। ଏତଦବ୍ୟତୀତ କେଶବ ଦାସଙ୍କ 'ରାମଚନ୍ଦ୍ରିକା' ସେନାପତିଙ୍କର 'କବିତା ରତ୍ନାକର' ମୈଥିଳୀ ଶରଣଗୁପ୍ତଙ୍କର 'ସାକେତ' ଓ କବି ଅରୁଣଙ୍କର 'ଅରୁଣ ରାମାୟଣ' ହିନ୍ଦୀ ଭାଷାରେ ଉଲ୍ଲେଖଯୋଗ୍ୟ କୃତି। ହିନ୍ଦୀ ସାହିତ୍ୟରେ ରାମାୟଣର ବିଷୟବସ୍ତୁକୁ ନେଇ ବହୁ କାବ୍ୟ, କବିତା, ଭଜନ, ଜଣାଣ ରଚିତ ହୋଇଛି। ଏହିସବୁ ସୃଷ୍ଟି ମଧ୍ୟରେ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କୁ ଆଦର୍ଶ ଚରିତ ରୂପେ ରୂପାୟିତ କରାଯାଇଛି। ହିନ୍ଦୀ ସାହିତ୍ୟରେ ବହୁ କବି ରାମାୟଣ ରଚନା କରିଥିଲେ ହେଁ ତୁଳସୀ ଦାସଙ୍କ ରାମ ଚରିତ ମାନସ ହେଇଛି ଶ୍ରେଷ୍ଠ କୃତି। ରାମାୟଣର କଥାବସ୍ତୁକୁ ନେଇ ହିନ୍ଦୀ କଥିତ ଭାଷାଭାଷୀ ଅଞ୍ଚଳରେ ବହୁ ଲୋକ ଗଳ୍ପ ଓ ଲୋକଗୀତି ରଚିତ ହୋଇଛି। ଯେପରି ସଂସ୍କୃତ ଭାଷାରେ ବାଲ୍ମୀକି ରାମାୟଣ ପ୍ରଥମ ଓ ସର୍ବୋତ୍କୃଷ୍ଟ ରାମାୟଣ, ସେହିପରି ତୁଳସୀ ଦାସଙ୍କ ରାମଚରିତ ମାନସ ହିନ୍ଦୀଭାଷାରେ ସର୍ବୋତ୍କୃଷ୍ଟ ଓ ଅଦ୍ୱିତୀୟ ରାମାୟଣ। ବଙ୍ଗଳା ସାହିତ୍ୟରେ ରାମକଥା : ବଙ୍ଗଳା ଭାଷା ଓ ସାହିତ୍ୟ କ୍ଷେତ୍ରରେ ରାମାୟଣ ହେଉଛି ଏକ ପ୍ରଧାନ ତଥା ପ୍ରାଥମିକ ସାରସ୍ୱତ ସମ୍ପଦ 'ଚର୍ଯ୍ୟାପଦ' ଓ 'ଶ୍ରୀକୃଷ୍ଣ କୀର୍ତ୍ତନ' ପ୍ରଭୃତି ଅଳ୍ପ କେତୋଟି ରଚନାକୁ ଛାଡ଼ିଦେଲେ ବଙ୍ଗଳା ସାହିତ୍ୟରେ ରାମାୟଣ ଠାରୁ ଆଉ କୌଣସି ପ୍ରାଚୀନ ରଚନା ଦେଖିବାକୁ ମିଳେନାହିଁ। ବଙ୍ଗଳାରେ 'କୃତ୍ତିବାସ ରାମାୟଣ' ଖୁବ ଆଦୃତ। ଏହାର ଭାଷା, ଶୈଳୀ ଛନ୍ଦ ଶ୍ରୋତା ଓ ପାଠକଙ୍କୁ ଖୁବ ଆକୃଷ୍ଟ କରିଥାଏ। ଏହି ରାମାୟଣ ବଙ୍ଗଳାରେ ଏତେ ଲୋକପ୍ରିୟତା ଲାଭ କଲା ଯେ ସାଧାରଣ ଜନତା ଦିନ ରାତି କଥାକାର ମାନଙ୍କ ଠାରୁ ରାମାୟଣ ଶୁଣିବା ପାଇଁ ଏକ ଧ୍ୟାନରେ ବସି ରହୁଥିଲେ। ବଙ୍ଗଳାର ମଧ୍ୟଯୁଗରେ ବିଭିନ୍ନ ପଦାବଳୀ, କୀର୍ତ୍ତନ, ମଙ୍ଗଳ କାବ୍ୟ ପ୍ରଭୃତି ସୁମଧୁର ସଙ୍ଗୀତ ଓ ବର୍ଣ୍ଣନାତ୍ମକ ଗୀତି ରଚନା ଗୁଡ଼ିକ ମହାଭାରତ ଓ ଭାଗବତର ଅନୁକରଣରେ ରଚନା କରାଯାଉଥିଲା। ଏହାଛଡ଼ା ଶ୍ରୀ ଚୈତନ୍ୟ ଓ ତାଙ୍କ ଭକ୍ତ ମାନଙ୍କର ଜୀବନୀ ଚରିତ ଉପରେ ଆଧାରିତ କେତେକ ରଚନା ମଧ୍ୟ ଏ ସମୟରେ ଦେଖିବାକୁ ମିଳେ।

ଶିଖରପୁର ଉପରସାହି, କଟକ
ଦୂରଭାଷ : ୮୨୮୦୯୬୩୨୮୩

ମହାଭାରତ ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# ଦିଲ୍ଲୀ ପରେ ବିଜେପିର ମିସନ ପଶ୍ଚିମବଙ୍ଗ

**ନୂଆଦିଲ୍ଲୀ,୧୨।୨(ଏଜେନ୍ସି):** ୨୭ ବର୍ଷ ପରେ ଦିଲ୍ଲୀରେ ବିଜେପି କ୍ଷମତାକୁ ଫେରିବା ପରେ, ଦଳର ପରବର୍ତ୍ତୀ ମିସନ ହେଉଛି ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସରକାରଙ୍କୁ ଭାଙ୍ଗିବା । ଭାରତୀୟ ଜନତା ପାର୍ଟି ଦିଲ୍ଲୀରେ ଅରବିନ୍ଦ କେଜ୍ରିଓ୍ୱାଲ ସରକାରଙ୍କୁ କ୍ଷମତାଚ୍ୟୁତ କରିଛି । ଏବେ ବିଜେପିର ପରବର୍ତ୍ତୀ ଟାର୍ଗେଟ ହେଉଛି ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ । ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ରାଜନୈତିକ ରଣନୀତିରେ ବିଜେପି ପ୍ରତ୍ୟେକ ଥର ବୋକା ବନିଯାଉଛି । ଦିଲ୍ଲୀ ପରେ, ପରବର୍ତ୍ତୀ ବିଧାନସଭା ନିର୍ବାଚନ ବିହାରରେ ହେବାକୁ ଯାଉଛି । ବିହାରରେ ବିଜେପି ଏବେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଜେଡିୟୁ ସହିତ କ୍ଷମତାରେ ଅଛି । ତେଣୁ ବିଜେପି ପାଇଁ 'ମିସନ ପଶ୍ଚିମବଙ୍ଗ' ଏବେ ଏକ ଆହୁରି ବଡ଼ ଲକ୍ଷ୍ୟ ପାଲଟିଛି । ପଶ୍ଚିମବଙ୍ଗର ବିଜେପି ନେତା ଏବଂ ରାଜ୍ୟ ବିଧାନସଭାରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଦିଲ୍ଲୀ ନିର୍ବାଚନ ଫଳାଫଳ ଦେଖିବା ପରେ କହିଥିଲେ ଯେ, ଦିଲ୍ଲୀର ବିଜୟ ଆମର, ୨୦୨୬ରେ ପଶ୍ଚିମବଙ୍ଗର ପାଳି ଆସିବ । ଦିଲ୍ଲୀ ଏବଂ ପଶ୍ଚିମବଙ୍ଗ ମଧ୍ୟରେ ପାର୍ଥକ୍ୟ ହେଉଛି ଯେ, କେଜ୍ରିଓ୍ୱାଲ ପ୍ରଥମ ଥର ପାଇଁ ନୂଆ ଦିଲ୍ଲୀ ଆସନରେ ବିଜେପି ଦ୍ୱାରା ପରାସ୍ତ ହୋଇଛନ୍ତି, କିନ୍ତୁ ମମତା ୨୦୨୧ ମସିହାରେ ପଶ୍ଚିମବଙ୍ଗର ନନ୍ଦିଗ୍ରାମ ଆସନରେ ଅଧିକାରୀଙ୍କଠାରୁ ପରାସ୍ତ ହୋଇସାରିଛନ୍ତି । ଦିଲ୍ଲୀ ପରେ, ବିଜେପିର ମିସନ ହେଉଛି ପଶ୍ଚିମବଙ୍ଗ । ୨୦୨୬ ମସିହାରେ ପଶ୍ଚିମବଙ୍ଗରେ ହେବାକୁ ଥିବା ବିଧାନସଭା ନିର୍ବାଚନ ସମ୍ପର୍କରେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କ ମନ୍ତବ୍ୟ ସୂଚାଇ ଦେଉଛି ଯେ, ବିଜେପି ଏବେ ପଶ୍ଚିମବଙ୍ଗରେ କ୍ଷମତା ଦଖଲ କରିବା ପାଇଁ ପୂର୍ଣ୍ଣ ପ୍ରସ୍ତୁତି ସହିତ ଖୁବ୍ ଶୀଘ୍ର 'ମିସନ ପଶ୍ଚିମବଙ୍ଗ' ଆରମ୍ଭ କରିବାକୁ ଯାଉଛି । ଆମ ଆଦମୀ ପାର୍ଟି ସୁପ୍ରିମୋ ଅରବିନ୍ଦ କେଜ୍ରିଓ୍ୱାଲ ଏବଂ ଟିଏମସି ନେତ୍ରୀ ମମତା ବାନାର୍ଜୀ ବିରୋଧୀ ଦଳର ଦୁଇ ନେତା ଯେଉଁମାନେ କିଛି ସମୟ ଧରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରାଜନୈତିକ ସ୍ଥିତିକୁ ଚ୍ୟାଲେଞ୍ଜ କରିବାକୁ ଚେଷ୍ଟା କରୁଛନ୍ତି । କେଜ୍ରିଓ୍ୱାଲ ଏହି ନିର୍ବାଚନରେ ତାଙ୍କ ନାମ ବ୍ୟବହାର କରି ନିଜର ରାଜନୈତିକ ଚାଲ ଖେଳିବା ଆରମ୍ଭ କରିଥିଲେ । କିନ୍ତୁ ଶେଷରେ କେଜରିଓ୍ୱାଲ ନିଜ ଗଡ଼ରେ ପରାସ୍ତ ହେଲେୟ ଏପରି ପରିସ୍ଥିତିରେ, ଏବେ କେବଳ ମମତା ବାକି ଅଛନ୍ତି, ଯାହାକୁ ବିରୋଧୀ ଦଳର ଚେହେରା ଭାବରେ ବିବେଚନା କରାଯାଇପାରିବ, ଯିଏ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତିଷ୍ଠାକୁ ଚ୍ୟାଲେଞ୍ଜ କରୁଛନ୍ତି ବୋଲି ରାଜନେତିକସ୍ତରରେ ଚର୍ଚ୍ଚା । ହେଉଛି ବିଜେପି ପଶ୍ଚିମବଙ୍ଗରେ ଜିତିବାକୁ ଚେଷ୍ଟା କରୁଛିୟ ବିଜେପି ପାଇଁ ପଶ୍ଚିମବଙ୍ଗର ବିଶେଷ ଗୁରୁତ୍ୱ ଅଛିୟ ଏହା ବିଜେପିର ପୂର୍ବବର୍ତ୍ତୀ ଦଳ ଭାରତୀୟ ଜନସଂଘର ପ୍ରତିଷ୍ଠାତା ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମସ୍ଥାନ ଏବଂ କର୍ମଭୂମିୟ ୨୦୧୪ ମସିହାରୁ କେନ୍ଦ୍ରରେ ନରେନ୍ଦ୍ର ମୋଦୀ ସରକାର କ୍ଷମତାରେ ଥିବା ବେଳେ, ଭାରତୀୟ ଜନତା ପାର୍ଟିର ୨୦୧୬ ଏବଂ ୨୦୨୧ରେ ପଶ୍ଚିମବଙ୍ଗ ଜିତିବାର ସ୍ୱପ୍ନ ଭାଙ୍ଗି ଯାଇଛିୟ ଦଳ ଏବେ ରାଜ୍ୟର ମୁଖ୍ୟ ବିରୋଧୀ ଦଳ ପାଲଟିଛି ଏବଂ ବିଧାନସଭା ନିର୍ବାଚନଠାରୁ ଲୋକସଭା ନିର୍ବାଚନ ପର୍ଯ୍ୟନ୍ତ ଶାସକ ଟିଏମସିକୁ ଚ୍ୟାଲେଞ୍ଜ କରିବା ପାଇଁ କାମ କରୁଛି ।

## ତିରୁପତି ମନ୍ଦିର ଲଡୁ ମାମଲା: ୪ ଗିରଫ

**ତିରୁପତି,୧୨।୨(ଏଜେନ୍ସି):** ତିରୁପତି ମନ୍ଦିର ପ୍ରାସଦ ଲଡୁରେ ଚର୍ବି ମିଶାଇବା ପ୍ରସଙ୍ଗ । ଘିଅ ବିତରଣ କରୁଥିବା ୪ ଜଣଙ୍କୁ ଗିରଫ କରିଛି ସିବିଆଇ । ଭୋଲେ ବାବା ଡାଏରୀର ପୂର୍ବତନ ନିର୍ଦ୍ଦେଶକ ପୋମିଲ୍ ଜୈନ ଏବଂ ବିପିନ ଜୈନ, ବୈଷ୍ଣବୀ ଡାଏରୀର ସିଇଓ ଅପୂର୍ବ ବିନୟକାନ୍ତ ଏବଂ ଏଆର ଡାଏରୀର ଏମଡି ରାଜୁ ରାଜଶେଖରନଙ୍କୁ ବାନ୍ଧିଛି ସିବିଆଇ । ଆଜି ସମସ୍ତଙ୍କୁ କୋର୍ଟରେ ହାଜର କରାଯିବ । ତେବେ ତିରୁପତି ମନ୍ଦିରର ପ୍ରସାଦ ଲଡୁ ପାଇଁ ବ୍ୟବହାର ହେଉଥିବା ଘିଅରେ ମିଶୁଛି ପଶୁଙ୍କ ଚର୍ବି ଓ ମାଛ ତେଲ । ଏଭଳି ଅଭିଯୋଗ ଆସିବା ପରେ ମାମଲା ପହଞ୍ଚିଥିଲା ସୁପ୍ରିମକୋର୍ଟରେ । ପ୍ରସାଦରେ ଅପମିଶ୍ରଣ କରାଯାଇଥିବା ଅଭିଯୋଗ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ, ପ୍ରସାଦ କଣ୍ଟ୍ରାଟ ନେଇଥିବା ସଂସ୍ଥା ବିରୋଧରେ ପିଟିସନ ଦାଖଲ କରିଥିଲେ ଆଇନଜୀବୀ । ସେପଟେ ଏହି ପ୍ରସଙ୍ଗ ରାଜନୈତିକ ମୁଦ୍ଦା ପାଲଟିଥିବା ବେଳେ ପ୍ରସାଦର ସ୍ୱଚ୍ଛତା ନେଇ ରିପୋର୍ଟ ତଲବ କରିଥିଲା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ । ଏହି ଘଟଣା ତଦନ୍ତ ଭାର ହାତକୁ ନେଇଥିଲା ସିବିଆଇ । ଏହି ଘଟଣାରେ ଆଜି ଘିଅ ସପ୍ଲାଏ କରୁଥିବା ୪ ଜଣଙ୍କୁ ଗିରଫ କରିଛି ସିବିଆଇ ।

## ବନ୍ଦୀ ମାନଙ୍କୁ ଛାଡିବାକୁ ହମାସକୁ ଟ୍ରମ୍ପଙ୍କ ଚେତାବନୀ

**ନୂଆଦିଲ୍ଲୀ,୧୨।୨(ଏଜେନ୍ସି):** ଯୁଦ୍ଧ ବନ୍ଦୀ ମାନଙ୍କୁ ଆଉ ଛାଡିବନି ହମାସ । ହମାସର ସଶସ୍ତ୍ର ଶାଖାର ମୁଖପାତ୍ର କହିଛନ୍ତି ଇସ୍ରାଏଲର ବନ୍ଦୀମାନଙ୍କୁ ପରବର୍ତ୍ତୀ ନିର୍ଦ୍ଧାରିତ ମୁକ୍ତ କରିବାକୁ ସ୍ଥଗିତ ରଖିଛି ଏବଂ ଏହାକୁ ଅସ୍ତ୍ରବିରତି ଚୁକ୍ତିର ଉଲ୍ଲଂଘନ ବୋଲି କହିଛି ।



ଇସ୍ରାଏଲରେ ବନ୍ଧକ ଥିବା ଅଧିକ ପାଲେଷ୍ଟାଇନ କଏଦୀଙ୍କ ବଦଳରେ ଗାଜାରେ ବନ୍ଧକ ଥିବା ୩ ଜଣଙ୍କୁ ଶନିବାର ମୁକ୍ତ କରାଯିବ । ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟ୍ଜ ହାମାସର ଏହି ଘୋଷଣାକୁ ଅସ୍ତ୍ରବିରତି ଚୁକ୍ତିର ସମ୍ପୂର୍ଣ୍ଣ ଉଲ୍ଲଂଘନ ବୋଲି କହିଛନ୍ତି । ଇସ୍ରାଏଲର ପ୍ରମୁଖ ସହଯୋଗୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପରାମର୍ଶ ଦେଇଛନ୍ତି ଯେ ଯଦି ଶନିବାର ସୁଦ୍ଧା ଗାଜାରେ ବନ୍ଦୀମାନଙ୍କୁ ଫେରାଇ ନ ଦିଆଯାଏ ତେବେ ଅସ୍ତ୍ରବିରତି ପ୍ରତ୍ୟାହାର କରାଯିବା ଉଚିତ । ଟ୍ରମ୍ପ କହିଛନ୍ତି, ଶନିବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ସେମାନଙ୍କୁ ଫେରାଇ ଦିଆଯାଉ । ଯଦି ବନ୍ଧକମାନଙ୍କୁ ମୁକ୍ତ କରା ନଯାଏ, ତେବେ ସବୁ କିଛି ନଷ୍ଟ ହୋଇଯିବ ବୋଲି ଟ୍ରମ୍ପ କହିଛନ୍ତି । ଆମେ ଅକ୍ଟୋବର ୭ ତାରିଖର ବାସ୍ତବତାକୁ ଫେରିବାକୁ ଦେବୁ ନାହିଁ ବୋଲି ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ।

## ଇଭିଏମରୁ ତଥ୍ୟ ନ ହଟାଇବାକୁ ନିର୍ବାଚନ କମିଶନଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୨।୨(ଏଜେନ୍ସି):** ଇଭିଏମ ଯାଞ୍ଚ ସମ୍ପର୍କିତ ଏକ ଆବେଦନ ଉପରେ ନିର୍ବାଚନ କମିଶନଙ୍କୁ ଜବାବ ଦାଖଲ କରିବାକୁ କହିଛନ୍ତି ସୁପ୍ରିମକୋର୍ଟ । ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍)ର ଏହି ଆବେଦନରେ ଦାବି କରାଯାଇଛି ଯେ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ଇଭିଏମର ଡିଲିଟ୍ କରାଯାଇଥିବା ମେମୋରୀ ଯାଞ୍ଚ କରିବା ପାଇଁ ଏକ ସ୍ପଷ୍ଟ ପ୍ରୋଟୋକଲ୍ ପ୍ରସ୍ତୁତ କରିବାକୁ କହିଛନ୍ତି । ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ସଞ୍ଜିବ ଖାନ୍ନା ଏବଂ ବିଚାରପତି ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଶୁଣାଣି ମାର୍ଚ୍ଚ ପ୍ରଥମ ସପ୍ତାହରେ ହେବ । କୋର୍ଟ ଏହା ମଧ୍ୟ କହିଛନ୍ତି ଯେ ନିର୍ବାଚନ କମିଶନ ସମ୍ପ୍ରତି ନିର୍ବାଚନ ହୋଇଥିବା ସ୍ଥାନ ଗୁଡ଼ିକର EVM ତଥ୍ୟ ଡିଲିଟ୍ କରିବା ଉଚିତ ନୁହେଁ କିମ୍ବା ଏଥିରେ ନୂତନ ତଥ୍ୟ ଲୋଡ୍ କରିବା ଉଚିତ ନୁହେଁ । ଆବେଦନରେ ଗତ ବର୍ଷ ସୁପ୍ରିମକୋର୍ଟ ଦେଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉଲ୍ଲେଖ କରାଯାଇଛି । ଏହି ନିଷ୍ପତ୍ତିରେ, ସୁପ୍ରିମକୋର୍ଟ ବାଲଟ୍ ପେପର ମାଧ୍ୟମରେ ପୁରୁଣା ନିର୍ବାଚନ ବ୍ୟବସ୍ଥାକୁ ପୁନଃସ୍ଥାପିତ କରିବାକୁ ମନା କରିଦେଇଥିଲେ । ଏହା ସହିତ, ସମସ୍ତ VVPAT ସ୍ଲିପ ଗଣନା କରିବାର ଦାବିକୁ ମଧ୍ୟ ପ୍ରତ୍ୟାଖ୍ୟାନ କରାଯାଇଥିଲା । କିନ୍ତୁ ସ୍ୱଚ୍ଛତା ଆଣିବା ପାଇଁ ନିର୍ବାଚନ ଫଳାଫଳ ଘୋଷଣାର ଗୋଟିଏ ସପ୍ତାହ ମଧ୍ୟରେ ଇଭିଏମର ଡିଲିଟ୍ କରାଯାଇଥିବା ମେମୋରୀ



ଯାଞ୍ଚ କରିବାକୁ କୋର୍ଟ ଅନୁମତି ଦେଇଥିଲେ । ୨୬ ମାର୍ଚ୍ଚ ୨୦୨୪ରେ ଦିଆଯାଇଥିବା ଏହି ନିଷ୍ପତ୍ତିରେ, ସୁପ୍ରିମକୋର୍ଟ କହିଥିଲେ ଯେ ଫଳାଫଳ ପ୍ରକାଶିତ ହେବାର ଏକ ସପ୍ତାହ ମଧ୍ୟରେ, ଦ୍ୱିତୀୟ କିମ୍ବା ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରାର୍ଥୀ ପୁନଃପରୀକ୍ଷା ଦାବି କରିପାରିବେ । ଏପରି ପରିସ୍ଥିତିରେ, ଇଞ୍ଜିନିୟର ମାନଙ୍କ ଦଳ ଯେକୌଣସି ୫ ଟି ମାଇକ୍ରୋ କଣ୍ଟ୍ରୋଲରର ଡିଲିଟ୍ ମେମୋରୀ ଯାଞ୍ଚ କରିବେ । ପ୍ରାର୍ଥୀଙ୍କୁ ଏହି ପରୀକ୍ଷାର ଖର୍ଚ୍ଚ ବହନ କରିବାକୁ ପଡିବ । ଯଦି କୌଣସି ଅନିୟମିତତା ପ୍ରମାଣିତ ହୁଏ, ତେବେ ପ୍ରାର୍ଥୀ ତାଙ୍କର ଟଙ୍କା ଫେରସ୍ତ ପାଇବେ ।

## ପୁଣି ବଢିଲା ସୁନା ଦର

**ନୂଆଦିଲ୍ଲୀ,୧୨।୨(ଏଜେନ୍ସି):** ସୁନା ଦର ବୃଦ୍ଧି ଅଳଙ୍କାର ପ୍ରିୟ ଲୋକଙ୍କ ପାଇଁ ଏକ ବିରାଟ ସମସ୍ୟା ହୋଇ ଛିଡ଼ା ହୋଇଛି । ମଙ୍ଗଳବାର ସୁନା ଦର ପୁଣି ବିଛିୟ ସାରା ବିଶ୍ୱରେ ବି ବଢି ଚାଲିଛି ସୁନା ଦର । ରେକର୍ଡ ସ୍ତରରେ ପହଞ୍ଚିଛି ସୁନା ମୂଲ୍ୟୟ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମକୁ ୮୮ ହଜାର ପାର କଲାଣି । ଆଗକୁ ସୁନା ଦର ୯୦ ହଜାର ଅତିକ୍ରମ କରିବା ଆଶଙ୍କା କରାଯାଉଛି । ନୂଆ ଦିଲ୍ଲୀରେ ଏବେ ୧୦ ଗ୍ରାମ ୨୪ କ୍ୟାରେଟ୍ ସୁନା ୮୮ହଜାର ୫୦୦ ଟଙ୍କାରେ ପହଞ୍ଚିଲାଣି । ଅନ୍ତର୍ଜାତୀୟ ବଜାରରେ ସୁନାର ଆଉନ୍ସ ପିଛା ଦର ରେକର୍ଡ ୨୯୦୦ ଡଲାରରେ ପହଞ୍ଚିଛି । ଇସ୍ପାତ ଓ ଆଲୁମିନିୟମ୍ ଉପରେ ୨୫ ପ୍ରତିଶତ ଟିକସ ଲଗାଇବାକୁ ଟ୍ରମ୍ପ ଘୋଷଣା କରିବା ପରଠାରୁ ସୁନା ମୂଲ୍ୟ ବଢିବାରେ ଲାଗିଛି । ଦାମ୍ ବିଛି । ଗୋଟିଏ ପଟେ ଟ୍ରମ୍ପଙ୍କ ଶୁଳ୍କ ପ୍ରହାର ଜାରି ରହିଥିବା ବେଳେ ଅନ୍ୟପଟେ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେଉଥିବାରୁ ସୁନା ଆମଦାନୀ ମହଙ୍ଗା ହୋଇଛି । ଏକ ଡଲାର ଦାମ୍ ୮୭ ଟଙ୍କା ୪୩ ପଇସା ସ୍ତରରେ ରହିଛି ।

## ସେନସେକ୍ସ ୧୦୦୦ ପଏଣ୍ଟ ହ୍ରାସ

**ମୁମ୍ବାଇ,୧୨।୨(ଏଜେନ୍ସି):** ମଙ୍ଗଳବାର ଭାରତୀୟ ଷ୍ଟକ ବଜାରରେ ବଡ଼ଧରଣର ହ୍ରାସ ଦେଖିବାକୁ ମିଳିଛି । ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ସେନସେକ୍ସ କାରବାର ଅଧିବେଶନରେ ୧,୨୮୧.୨୧ ପଏଣ୍ଟ ହ୍ରାସ ପାଇ ଗୋଟିଏ ଦିନର ସର୍ବନିମ୍ନ ସ୍ତର ୭୬,୦୩୦.୫୯ ପଏଣ୍ଟରେ ପହଞ୍ଚିଛି । ଶେଷରେ ସେନସେକ୍ସ ୧୦୧୮.୮୦ ପଏଣ୍ଟ ହ୍ରାସ ପାଇ ୭୬,୨୯୩.୬୦ ପଏଣ୍ଟରେ ବନ୍ଦ ହୋଇଛି । ସେନସେକ୍ସ ସୋମବାର ୭୭,୩୧୧.୮୦ ପଏଣ୍ଟରେ ବନ୍ଦ ହୋଇଥିଲା । ସେହିପରି ନିଫଟି ୩୧୦ ପଏଣ୍ଟ ହ୍ରାସ ପାଇ ୨୩,୧୦୦ ପଏଣ୍ଟରେ ବନ୍ଦ ହୋଇଛି । ଅନ୍ତର୍ଜାତୀୟ ବଜାର ପ୍ରଭାବରୁ ବିଶ୍ୱର ବିଭିନ୍ନ ଷ୍ଟକ ବଜାରରେ ହ୍ରାସ ପରିଲକ୍ଷିତ ହେଉଛି । ଏହାର ପ୍ରଭାବ ଭାରତୀୟ ଷ୍ଟକ ବଜାର ଉପରେ ପଡ଼ିଛି । ସେୟାର ମାର୍କେଟରେ ଏହି ହ୍ରାସ ଯୋଗୁଁ ନିବେଶକମାନେ ଯଥେଷ୍ଟ କ୍ଷତି ସହିଛନ୍ତି । ନିବେଶକଙ୍କ କ୍ଷତି ବିଏସଇର ମାର୍କେଟ୍ କ୍ୟାପ୍ ରେ ଅସ୍ଥିରତା ଉପରେ ନିର୍ଭର କରେୟ ଗୋଟିଏ ଦିନ ପୂର୍ବରୁ ବିଏସଇର ମାର୍କେଟ କ୍ୟାପ



୪,୧୭,୮୨,୫୭୩.୭୯ କୋଟି ଟଙ୍କା ଥିଲା, ଯାହା କି କାରବାର ଅଧିବେଶନରେ ୪୦୭ ଲକ୍ଷ କୋଟି ଟଙ୍କାତଳକୁ ଖସି ଆସିଥିଲା । ଅର୍ଥା ଚଳିତ କାରବାର ଅଧିବେଶନରେ ନିବେଶକମାନେ ୧୦ ଲକ୍ଷ କୋଟି ଟଙ୍କାରୁ ଅଧିକ କ୍ଷତି ସହିଛନ୍ତି । ଫେବ୍ରୁଆରୀ ୪ ରୁ ଗତ ୫ଟି ଟ୍ରେଡିଂ ଅଧିବେଶନରେ ନିବେଶକମାନେ ଅଧିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି । ୪ରେ ବିଏସଇର ମାର୍କେଟ କ୍ୟାପ ୪,୨୫,୫୦,୮୨୬.୧୧ କୋଟି ଟଙ୍କା ଥିଲା, ଯେଉଁଥିରୁ ବର୍ତ୍ତମାନ ସୁଦ୍ଧା ୧୭.୭୬ ଲକ୍ଷ କୋଟି ଟଙ୍କାରୁ ଅଧିକ କ୍ଷତି ହୋଇଛି ।

## ବାଲାଟ୍ ପେପର ବ୍ୟବହାର କଲେ ବିଜେପି କୌଣସି ସ୍ଥାନରେ ଜିତିପାରିବ ନାହିଁ

**ମୁମ୍ବାଇ,୧୨।୨(ଏଜେନ୍ସି):** ଦିଲ୍ଲୀ ବିଧାନସଭା ନିର୍ବାଚନର ଫଳାଫଳ ଆମ ଆଦମୀ ପାର୍ଟିକୁ ଝଟକା ଦେଇଥିବା ବେଳେ ଦେଶର ଅନ୍ୟାନ୍ୟ ଅଞ୍ଚଳର ବିରୋଧୀ ଦଳଗୁଡ଼ିକ ମଧ୍ୟ ଏହାକୁ ନେଇ ଆଶ୍ଚର୍ଯ୍ୟ ହୋଇଛନ୍ତି । ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା ୟୁବିଟି ନେତା ଏବଂ ରାଜ୍ୟସଭା ସାଂସଦ ସଞ୍ଜୟ ରାଉତ ଫେବୃଆରୀ ୮ ତାରିଖର ଫଳାଫଳ ଉପରେ ନିରନ୍ତର ମନ୍ତବ୍ୟ ଦେଇ ଆସୁଛନ୍ତି । ଏବେ ସଞ୍ଜୟ ରାଉତ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏକ ଭିନ୍ନ ଏବଂ ଆକର୍ଷଣୀୟ ସଂଯୋଗ ଆବିଷ୍କାର କରିଛନ୍ତି । ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳରେ ୫, ୮ ଏବଂ ୪୮ ର ସଂଯୋଗ ନେଇ ସେ ପ୍ରଶ୍ନ ଉଠାଇଛନ୍ତି । ସେ ଏହାକୁ ହରିୟାଣା ବିଧାନସଭା ନିର୍ବାଚନ ସହିତ ଯୋଡ଼ି ବିଜେପିକୁ ଏନେଇ ପ୍ରଶ୍ନ କରିଛନ୍ତି । ସଞ୍ଜୟ ରାଉତ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ଲେଖିଛନ୍ତି, ହରିଆଣାରେ ଭୋଟିଂ ୫ ତାରିଖରେ ହୋଇଥିଲା ଏବଂ ଗଣତି ୮ ତାରିଖରେ ହୋଇଥିଲା । ବିଜେପି ୪୮ ଟି ଆସନ ପାଇଥିଲା । ଦିଲ୍ଲୀରେ ମଧ୍ୟ ୫ ତାରିଖରେ ଭୋଟିଂ ହୋଇଥିଲା ଏବଂ ଗଣତି ୮ ତାରିଖରେ ହୋଇଥିଲା । ବିଜେପି ସମାନ



୪୮ ଟି ଆସନ ପାଇଥିଲା । ଏହା ଏକ ଆଶ୍ଚର୍ଯ୍ୟଜନକ ସଂଯୋଗ । ଏହି ସଂଯୋଗ ଦେଖାଇବା ସମୟରେ, ସଞ୍ଜୟ ରାଉତ କାହା ଉପରେ ମନ୍ତବ୍ୟ ଦେଇ ନଥିଲେ, କିନ୍ତୁ ସେ ଏନେଇ ଇସାରା କରିଥିଲେ । ପୂର୍ବରୁ, ମହାରାଷ୍ଟ୍ର ବିଧାନସଭା ନିର୍ବାଚନର ଫଳାଫଳ ପରେ, ସଞ୍ଜୟ ରାଉତ ଇଭିଏମ ଉପରେ ପ୍ରଶ୍ନ ଉଠାଇଥିଲେ । ସେ କହିଥିଲେ ଯେ, କେବଳ ଇଭିଏମ୍ ଯୋଗୁ ବିଜେପି ପ୍ରତ୍ୟେକ ନିର୍ବାଚନରେ ବିଜୟୀ ହେଉଛି ଏବଂ ଏବେ ନିର୍ବାଚନ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି । ସେ କହିଛନ୍ତି, ଯଦି ବାଲାଟ୍ ପେପର ବ୍ୟବହାର କରି ନିର୍ବାଚନ କରାଯାଏ, ତେବେ ବିଜେପି କୌଣସି ସ୍ଥାନରେ ଜିତିପାରିବ ନାହିଁ । ସେହିପରି, ଦିଲ୍ଲୀରେ, ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଆମ ଆଦମୀ ପାର୍ଟି ଇଭିଏମ ଉପରେ ନୁହେଁ ବରଂ ନିର୍ବାଚନ କମିସନ ଉପରେ ପ୍ରଶ୍ନ ଉଠାଇଥିଲା । ନିର୍ବାଚନ ସମୟରେ, ଅରବିନ୍ଦ କେଜ୍ରିଓ୍ୱାଲ ସିଧାସଳଖ ମୁଖ୍ୟ ନିର୍ବାଚନ କମିସନରଙ୍କୁ ଟାର୍ଗେଟ କରିଥିଲେ । ଆପର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜ୍ରିଓ୍ୱାଲ ପ୍ରଶ୍ନ ଉଠାଇଥିଲେ ଯେ, କେନ୍ଦ୍ର ସରକାରରୁ ଅବସର ନେବା ପରେ ରାଜୀବ କୁମାର ଏପରି କେଉଁ ପଦବୀ ଚାହୁଁଛନ୍ତି ଯାହା ପାଇଁ ସେ ନିର୍ବାଚନ କମିସନକୁ ଏହିପରି ଚଳାଉଛନ୍ତି । କେଜ୍ରିଓ୍ୱାଲ ଅଭିଯୋଗ କରିଥିଲେ ଯେ, ନକଲି ଭୋଟର ଯୋଡାଯାଇଛି, ଯେତେବେଳେ କି ଆମ ଆଦମୀ ପାର୍ଟିର ସମର୍ଥକ ଭୋଟରଙ୍କ ନାମ ହଟାଇ ଦିଆଯାଇଛି ।

## କେଜ୍ରିଓ୍ୱାଲ ଆଉ କେବେ ନିର୍ବାଚନ ଜିତିପାରିବେ ନାହିଁ

**ନୂଆଦିଲ୍ଲୀ,୧୨।୨(ଏଜେନ୍ସି):** ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆମ ଆଦମୀ ପାର୍ଟିର ଶୋଚନୀୟ ପରାଜୟ ହୋଇଛି । ଆମ ଆଦମୀ ପାର୍ଟିର ପରାଜୟ ପରେ ପୂର୍ବତନ ବିଜେପି ସାଂସଦ ବ୍ରଜଭୂଷଣ ଶରଣ ସିଂହ ଦାବି କରି କହିଛନ୍ତି ,' ପଞ୍ଜାବରେ ଆମ ଆଦମୀ ପାର୍ଟି (ଆପ୍) ସରକାର ଯେକୌଣସି ସମୟରେ ପତନ ହୋଇପାରେ । ଅରବିନ୍ଦ କେଜ୍ରିଓ୍ୱାଲ ଆଉ କେବେ ନିର୍ବାଚନ ଜିତିପାରିବେ ନାହିଁ ।'ସୋମବାର (୧୦ ଫେବୃଆରି) ଦିନ ଉତ୍ତରପ୍ରଦେଶର ନିପାନିଆରେ ପୂର୍ବତନ ବିଜେପି ବିଧାୟକ ଦଶରଥ ସିଂହଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ବ୍ରଜ ଭୂଷଣ




ସିଂହ କହିଥିଲେ, 'ଆପଣମାନେ ଭାବିବେ ମୁଁ ବୋଧ ହୁଏ ଭବିଷ୍ୟବାଣୀ କରୁଛି । କିନ୍ତୁ ମୁଁ ଭବିଷ୍ୟବାଣୀ କରେ ନାହିଁ, କିନ୍ତୁ ଆଜି ମୁଁ କହୁଛି ଯେ କେଜ୍ରିଓ୍ୱାଲ ଏବଂ ଆମ ଆଦମୀ ପାର୍ଟିର ଭବିଷ୍ୟତ ସଙ୍କଟରେ ଅଛି । ପଞ୍ଜାବରେ ଆପ ସରକାର ଯେକୌଣସି ସମୟରେ ପତନ ହୋଇପାରେ । କେଜ୍ରିଓ୍ୱାଲ ଅଁଉ କେବେ ନିର୍ବାଚନ ଜିତିପାରିବେ ନାହିଁ ।'ବ୍ରିଜଭୂଷଣ ଶରଣ ସିଂହ ଦୀର୍ଘ ସମୟ ଧରି ଭାରତୀୟ କୁସ୍ତି ମହାସଂଘର ସଭାପତି ଥିଲେ । ସେ ଛଅ ଥର ସାଂସଦ ମଧ୍ୟ ରହିସାରିଛନ୍ତି । ଲୋକସଭା ନିର୍ବାଚନ ଜିତିବା ପରେ ସେ ୧୯୯୧ ମସିହାରେ ପ୍ରଥମ ଥର ପାଇଁ ସାଂସଦ ହୋଇଥିଲେ । ଏହା ପରେ, ବ୍ରଜଭୂଷଣ ସିଂହ ୧୯୯୯, ୨୦୦୪, ୨୦୦୯, ୨୦୧୪ ଏବଂ ୨୦୧୯ ଲୋକସଭା ନିର୍ବାଚନରେ ମଧ୍ୟ ବିଜୟୀ ହୋଇଥିଲେ । ସେ ୨୦୧୧ ରୁ ୨୦୨୩ ପର୍ଯ୍ୟନ୍ତ କୁସ୍ତି ମହାସଂଘର ସଭାପତି ଥିଲେ । ୨୦୨୨ ମସିହାରେ ତାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ହୋଇଥିଲା । ଏହି ଅଭିଯୋଗ ପରେ ତାଙ୍କୁ ଭାରତୀୟ କୁସ୍ତି ମହାସଂଘର ସଭାପତି ପଦ ହରାଇବାକୁ ପଡିଲା ।

## ଟ୍ୟାଙ୍କ ଓ ଟ୍ରାକ୍ଟର ଧରି ଲଣ୍ଡନ ରାଜରାସ୍ତାରେ ଚାଷୀ

**ନୂଆଦିଲ୍ଲୀ,୧୧।୨(ଏଜେନ୍ସି):** ଚାଷୀ ଆନ୍ଦୋଳନ ୨୦୨୦-୨୧ ବେଳେ ଭାରତର ରାଜଧାନୀ ଦିଲ୍ଲୀର ଜାତୀୟ ରାଜପଥରେ ଟ୍ରାକ୍ଟର ରାଲି ଦେଖିବାକୁ ମିଳିଥିଲା । ହଜାର ହଜାର ଚାଷୀ ନିଜ ନିଜ ଟ୍ରାକ୍ଟର ଧରି କେନ୍ଦ୍ର ସରକାର ଲାଗୁ କରିଥିବା ନୂଆ କୃଷି ଆଇନ ବିରୋଧରେ ବିକ୍ଷୋଭ କରିଥିଲେ । ଚାଷୀଙ୍କ ବିକ୍ଷୋଭ ଯୋଗୁ କେନ୍ଦ୍ର ସରକାର ୩ କୃଷି ଆଇନକୁ ପ୍ରତ୍ୟାହାର କରିଥିଲେ । ଏଇଟା ଥିଲା ଭାରତର କଥା । ଏବେ ସମାନ ସ୍ଥିତି ଲଣ୍ଡନରେ ଦେଖିବାକୁ ମିଳିଛି । ଦେଶର ଶହଶହ ଚାଷୀ ସେମାନଙ୍କ ଟ୍ରାକ୍ଟର ଧରି ବ୍ରିଟିଶର ରାଜଧାନୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । କିନ୍ତୁ ଏଥିରେ ଗୋଟିଏ ଟ୍ୱିଷ୍ଟ ରହିଛି । ଆନ୍ଦୋଳନରେ କେବଳ ଶହଶହ ଚାଷୀ ସାମିଲ ହୋଇ ନାହାନ୍ତି, ବରଂ ଗୋଟିଏ ଟ୍ୟାଙ୍କ ମଧ୍ୟ ଲଣ୍ଡନ ଅଭିମୁଖେ ଚାଲିଛି । ଏଥିରେ ବ୍ରିଟେନର ପତାକା ଲାଗିଛି । ଚାଷୀଙ୍କ ଆନ୍ଦୋଳନରେ ଟ୍ୟାଙ୍କ



ସାମିଲ ହେବା ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି । ବ୍ରିଟେନ ସରକାର ନୂଆ ଉତ୍ତରାଧିକାର ଟିକସ ବ୍ୟବସ୍ଥା ଲାଗୁ କରିବାକୁ ଯାଉଥିବାରୁ ଏହା ବିରୋଧରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ପ୍ରଧାନମନ୍ତ୍ରୀ କେର ଷ୍ଟାରମରଙ୍କ ଲେବର ସରକାର ଦେଶରେ ଉତ୍ତରାଧିକାର ଟିକସ ବ୍ୟବସ୍ଥା ଲାଗୁ କରିବାକୁ ନିଷ୍ପତ୍ତି ନେଇଛି । ଏହାଦ୍ୱାରା ଗୋଟିଏ ମିଲିୟନ ପାଉଣ୍ଡରୁ ଅଧିକ ମୂଲ୍ୟର ଫାର୍ମଗୁଡ଼ିକୁ ନୂଆ ବ୍ୟବସ୍ଥା ଅନୁସାରେ ୨୦% ଉତ୍ତରାଧିକାର ଟିକସ ଦେବାକୁ ପଡ଼ିବ ।

## ମସ୍କ ଜଣେ ଅସୁରକ୍ଷିତ ବ୍ୟକ୍ତି

**ନୂଆଦିଲ୍ଲୀ,୧୨।୨(ଏଜେନ୍ସି):** ଓପନ୍ ଏଆଇର ପ୍ରତିଷ୍ଠାତା ସାମ୍ ଅଲ୍ଟମନ ଓ ଟେସ୍ଲାର ସିଇଓ ଏଲନ୍ ମସ୍କଙ୍କ ମଧ୍ୟରେ ବିବାଦ ଥମିବାର ନାଁ ଧରୁନାହିଁ । ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବାରେ ଲାଗିଛି । ଅଲ୍ଟମ୍ୟାନ୍ ତାଙ୍କର ସଦ୍ୟତମ ମନ୍ତବ୍ୟରେ ମସ୍କଙ୍କୁ ଅସୁରକ୍ଷିତ ବ୍ୟକ୍ତି ବୋଲି କହିଛନ୍ତି । ପ୍ୟାରିସରେ ଅନୁଷ୍ଠିତ ଏଆଇ ଶିଖର ସମ୍ମିଳନୀ ଅବସରରେ, ଅଲ୍ଟମ୍ୟାନ୍ କହିଛନ୍ତି ଯେ ଯଦି ମସ୍କ ପ୍ରତିଯୋଗିତା କରିବାକୁ ଚାହାଁନ୍ତି, ତେବେ ସେ ପାଗଳାମୀ' କରିବା ପରିବର୍ତ୍ତେ ଏକ ଭଲ ଉତ୍ପାଦ ନିର୍ମାଣ କରିବା ଉଚିତ । ଅଲ୍ଟମ୍ୟାନ୍ ପୁନରାବୃତ୍ତି କରିଥିଲେ ଯେ ଓପନଏଆଇକୁ ସେ କେବେ ବି ବିକ୍ରି କରିବେ ନାହିଁ । ସେ ଆହୁରି ବି କହିଛନ୍ତି ଯେ ମୁଁ ଭାବୁନାହିଁ ଯେ ସେ ଜଣେ ସୁଖୀ ବ୍ୟକ୍ତି ବୋଲି । ପୂର୍ବରୁ 'ଓପନ୍ ଏଆଇ'କୁ ନେଇ ମାମଲା ରୁଜୁ କରିବା ପରେ ଏବେ ଟେସ୍ଲାର ସିଇଓ ଏଲନ୍ ମସ୍କ ଏହାକୁ କିଣିବାକୁ ମନ ସ୍ଥିର କରିଛନ୍ତି । ସାମ୍ପ୍ରତିକ ରିପୋର୍ଟରୁ ଜଣାପଡିଛି ଯେ ମସ୍କଙ୍କ ଏକ ନିବେସକ ଦଳ ୯୭ ବିଲିୟନ୍ ଡଲାର ବଦଳରେ 'ଓପନ୍ ଏଆଇ'କୁ କିଣିବାକୁ ତାହାର ମାଲିକ ସାମ୍ ଅଲ୍ଟମ୍ୟାନଙ୍କୁ ପ୍ରସ୍ତାବ ଦେଇଥିଲେ ।

## ୮୦୫ ଆପ୍, ୩ ହଜାର ୨୬୬ଟି ୱେବସାଇଟ ବ୍ୟାନ

**ନୂଆଦିଲ୍ଲୀ,୧୨।୨(ଏଜେନ୍ସି):** ଦେଶରେ ୮୦୫ଟି ଆପ୍ସକୁ ବ୍ୟାନ କରିଛନ୍ତି ଭାରତ ସରକାର । ଏଥିସହ ୩ ହଜାର ୨୬୬ଟି ୱେବସାଇଟକୁ ମଧ୍ୟ ବନ୍ଦ କରିଛନ୍ତି । ଏହି ଆପ୍ସ ଏବଂ ୱେବସାଇଟ ଆଉ ଭାରତରେ ଚାଲିବନି । ୟୁଜର୍ସ ଏହି ସମସ୍ତ ଆପ୍ ଓ ୱେବସାଇଟକୁ ଚଲାଇବା ପାଇଁ ସକ୍ଷମ ହେବେନାହିଁ । ଜାତୀୟ ସୁରକ୍ଷା କାରଣରୁ ଭାରତ ସରକାର ଏହି ଆପ୍ସ ଏବଂ ୱେବସାଇଟକୁ ବ୍ୟାନ କରିଛନ୍ତି । ସଂସଦୀୟ ସମିତି ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏ ନେଇ ସୂଚନା ଜାରି କରିଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏକ ସଂସଦୀୟ କମିଟିକୁ ସୂଚନା ଦେଇଛନ୍ତି ଯେ, ଜାତୀୟ ସୁରକ୍ଷା କାରଣରୁ ଏପର୍ଯ୍ୟନ୍ତ ୮୦୫ ଟି ମୋବାଇଲ୍ ଆପ୍ଲିକେସନ୍ ଏବଂ ୩ ହଜାର ୨୬୬ ୱେବସାଇଟ୍ ଲିଙ୍କ୍ ଅବରୋଧ କରାଯାଇଛି । ଏଠାରେ 'ସାଇବର ସୁରକ୍ଷା ଏବଂ ସାଇବର ଅପରାଧ' ଉପରେ ଗୃହ ବ୍ୟାପାର ଉପରେ ସଂସଦୀୟ ପରାମର୍ଶଦାତା କମିଟିର ଏକ ବୈଠକକୁ ସମ୍ବୋଧିତ କରିବା ବେଳେ ଶାହା କହିଛନ୍ତି ଯେ, ଆରବିଆଇ ଏବଂ ସମସ୍ତ ବ୍ୟାଙ୍କ ସହ ସମନ୍ୱୟ ରକ୍ଷା କରି ସାଇବର ଅପରାଧୀଙ୍କ ଦ୍ୱାରା ଠକେଇ ହୋଇଥିବା ପାଣ୍ଠି ପାର୍କରେ ବ୍ୟବହୃତ ହେଉଥିବା ଆକାଉଣ୍ଟ ଚିହ୍ନଟ ପାଇଁ ଏକ ସିଷ୍ଟମ ତିଆରି କରାଯିବ । ଏହା ଆକାଉଣ୍ଟଗୁଡ଼ିକ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଏହାକୁ ବନ୍ଦ କରାଯିବ । ଅମିତ ଶାହଙ୍କ କହିବାନୁସାରେ, ଇଣ୍ଡିଆନ୍ ସାଇବର କ୍ରାଇମ୍ କୋର୍ଡିନେସନ୍ ସେଣ୍ଟର ଓ-୪ଉ ପୋର୍ଟଲରେ ୧ ଲକ୍ଷ ୪୩ ହଜାର ମାମଲା ରୁଜୁ ହୋଇଛି ଏବଂ ୧୯ କୋଟିରୁ ଅଧିକ ଲୋକ ଏହି ପୋର୍ଟଲର ବ୍ୟବହାର କରିଥିଲେ । ରାଷ୍ଟ୍ରୀୟ ସୁରକ୍ଷା କାରଣରୁ ଏହିସବୁ ଆପ୍ ଓ ୱେବସାଇଟକୁ ବ୍ଲକ୍ କରିଦିଆଯାଇଛି । ଯାଞ୍ଚ ବେଳେ ୬ ଲକ୍ଷରୁ ଅଧିକ ସନ୍ଦିଗ୍ଧ ଡାଟାକୁ ଚିହ୍ନଟ କରାଯାଇଛି । ଯେଉଁଥିରେ ୨ ହଜାର ୩୮ କୋଟି ଟଙ୍କାର ସନ୍ଦିଗ୍ଧ ଲେଣଦେଣ ଉପରେ ମଧ୍ୟ ରୋକ୍ ଲଗାଯାଇଛି । ଗୃହମନ୍ତ୍ରୀଙ୍କ କହିବାନୁସାରେ, ସାଇବର ଅପରାଧକୁ ସାମନା କରିବାକୁ ୪ ପ୍ରକାର ରଣନୀତି ଯେପରିକି କନଭରଜେନ୍ସ, କୋର୍ଡିନେସନ୍, କମ୍ୟୁନିକେସନ ଓ କାପାସିଟି ସାମିଲ । ମନ୍ତ୍ରାଳୟ ଓ ଗୃହ ମନ୍ତ୍ରାଳୟର ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ବଢ଼ାଯାଇଥିବାରୁ ଏହା ଫଳରେ ଏକାଧିକ ସୂଚନା ମିଳିପାରିବ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏଆଇର ବିନିଯୋଗରେ ରିଜର୍ଭ ବ୍ୟାଙ୍କ ଏବଂ ଅନ୍ୟ ସମସ୍ତ ବ୍ୟାଙ୍କ ମିଳିତ ଭାବେ ଆକାଉଣ୍ଟ ଚିହ୍ନଟ କରିବାକୁ ଏକ ସିଷ୍ଟମ ପ୍ରସ୍ତୁତ କରିବାକୁ ଚେଷ୍ଟା ଜାରି ରହିଛି । ଯାହା ଫଳରେ ଏହି ଆକାଉଣ୍ଟଗୁଡ଼ିକ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଏହାକୁ ବନ୍ଦ କରିବାକୁ ସକ୍ଷମ ହେବେ । ୩୩ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସାଇବର କ୍ରାଇମ୍ ଫରେନସିକ୍ ଟ୍ରେନିଙ୍ଗ ଲ୍ୟାବର ସ୍ଥାପନା କରାଯାଇଛି । ଏହି ଅବସରରେ ଅମିତ ଶାହ ସମିତିର ସମସ୍ତ ସଦସ୍ୟଙ୍କୁ I-4Ce ହେଲ୍ପଲାଇନ ୧୯୩୦ର ପ୍ରଚାର କରିବାକୁ ପରାମର୍ଶ ଦେଇଛନ୍ତି । କହିରଖୁ କି, ୧୯୩୦ ହେଲପଲାଇନ ନମ୍ବର ସାଇବର ବିତ୍ତୀୟ ଠକେଇରେ ଏକାଧିକ ମାମଲାର ସମାଧାନ କରେ ।

# ୩-୦ରେ କ୍ଲିନସୁଇପ୍ କଲା ଭାରତ

ଅହମ୍ମଦାବାଦ,୧୨।୨: ଶୁବମନ ଗିଲ୍‌ଙ୍କ ଶତକ ପରେ ବୋଲରଙ୍କ ପ୍ରଭାବଶାଳୀ ପ୍ରଦର୍ଶନ ବଳରେ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳା ଯାଉଥିବା ତୃତୀୟ ଦିନିକିଆ ।ରେ ଭାରତ ଇଂଲଣ୍ଡକୁ ୧୪୨ ରନରେ ହରାଇଛି। ଏହି ବିଜୟ ସହ ଭାରତ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୩-୦ରେ କ୍ଲିନ ସୁଇପ୍ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୩୫୬ ରନ କରିଥିଲା। ଦଳ ପକ୍ଷରୁ ଶୁଭମନ ଗିଲ୍ ୧୧୨ ରନର ଶତକୀୟ ଇନିଂସ ଖେଳିଥିବା ଶ୍ରେୟସ ଆୟର ୭୮ ରନ ଓ ବିରାଟ କୋହଲି ୫୨ ରନ କରିଥିଲା। ଜବାବରେ ଇଂଲଣ୍ଡ ଭାରତୀୟ ବୋଲରଙ୍କ ମାପଚୁପ ବୋଲିଂର ମୁକାବିଲା କରି ନ ପାରି ୩୪.୨ ଓଭରରେ ୨୧୪ ରନରେ ଅଲଆଉଟ୍ ହୋଇଛି। ଦଳ ପକ୍ଷରୁ ଟମ୍ ବ୍ୟାଣ୍ଟନ ୩୮ ରନ ଓ ଗସ୍ ଅଟିଙ୍କସନ ୩୮ ରନ କରିଥିଲେ ଭାରତୀୟ ବୋଲରଙ୍କୁ ମିଳିତ ସଫଳତା ମିଳିଛି। ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଭାରତୀୟ ଦଳ ବଡ଼ ବିଜୟ ହାସଲ କରିଛି । ଗିଲ୍ ଉଭୟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ସିରିଜ୍ ବିବେଚିତ ହୋଇଛନ୍ତି।

୩୫୭ ରନର ବିଶାଳ ବିଜୟ ଲକ୍ଷ୍ୟ ପିଛା କରିଥିବା ଇଂଲଣ୍ଡକୁ ଦୁଇ ଓପନର ବେନ ଡକେଟ୍ ଓ ଫିଲିପ ସଲ୍ଟ ବିସ୍ଫୋରକ ଆରମ୍ଭ ଦେଇଥିଲେ। ଉଭୟ ୬.୨ ଓଭରରେ ୬୦ ରନ ଯୋଡ଼ିଥିଲେ। ବେନ ଡକେଟ୍ ୨୨ ବଲ୍‌ରୁ ୮ ଚୌକା ସହ ୩୪ ରନ କରି ଅର୍ଶଦୀପ ସିଂଙ୍କ ଶିକାର



ହୋଇଥିଲେ। ଫିଲିପ୍ ସଲ୍ଟ ୨୩ ରନ କରି ଅର୍ଶଦୀପ ସିଂଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ୮୦ ରନରେ ଦୁଇ ଓପନରଙ୍କୁ ହରାଇବା ପରେ ଇଂଲଣ୍ଡର ଇନିଂସ ଟମ ବ୍ୟାଣ୍ଟନ ଓ ହ୍ୟାରି ବ୍ରୁକ ସମ୍ଭାଳିଥିଲେ ହେଁ ଦଳ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ଚାଲିଥିଲା। ଦୁଇ ବ୍ୟାଟର ତୃତୀୟ ୱିକେଟ୍ ପାଇଁ ୪୬ ରନ ଯୋଡ଼ିଥିଲେ ଟମ୍ ବ୍ୟାଣ୍ଟନ ୩୮ ରନର ଉପଯୋଗୀ ଇନିଂସ ଖେଳିଥିଲେ। ତାଙ୍କୁ ଆଉଟ୍ କରି କୁଲଦୀପ ଯାଦବ ଦଳକୁ ବଡ଼ ସଫଳତା ଦେଇଥିଲେ ।

ଏହା ପରେ ଜୋ ରୁଟ୍ ୨୪ ରନ କରି ପାଭିଲିୟନ ଫେରିଥିଲେ। ଅଧିନାୟକ ଜୋସ୍ ବଟଲର(୬) ଓ ଲିୟାମ ଲିଭିଙ୍ଗଷ୍ଟୋନ(୯) କରି ଦଳକୁ ନିରାଶ କରିଥିଲେ। ହ୍ୟାରି ବ୍ରୁକ ୨୪ ରନ



- ଇଂଲଣ୍ଡକୁ ୧୨୧ ରନରେ ପରାସ୍ତ କଲା ଭାରତ
- ଭାରତ ୩୫୬, ଇଂଲଣ୍ଡ ୨୧୪ ରନ୍‌ରେ ଅଲ୍‌ଆଉଟ୍
- ଗିଲ୍‌ଙ୍କ ଦମ୍‌ଦାର ଶତକ, କୋହଲି ଓ ଆୟାରଙ୍କ ଅର୍ଦ୍ଧଶତକ

କରି ପାଭିଲିୟନ ଫେରିଥିଲେ। ନିମ୍ନକ୍ରମରେ ଗସ୍ ଅଟିଙ୍କସନ ୧୯ ବଲ୍‌ରୁ ୩୮ ରନର ଧୂଆଁଧାର ଇନିଂସ ଖେଳିବାରୁ ଇଂଲଣ୍ଡ ୨୧୪ ରନରେ ପହଞ୍ଚିପାରିଥିଲା ଭାରତ ପକ୍ଷରୁ ବୋଲିଂରେ ଅର୍ଶଦୀପ ସିଂ, ହର୍ଷିତ ରାଣା।।, ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ପ୍ରତ୍ୟେକଙ୍କୁ ୨ଟି ଲେଖାଏଁ ସଫଳତା ମିଳିଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ମଇଦାନକୁ ଓହ୍ଲାଇଥିବା ଭାରତର ଆରମ୍ଭ ନୈରାଶ୍ୟଜନକ ଥିଲା। ଅଧିନାୟକ ରୋହିତ ଶର୍ମା(୧) ଦ୍ୱିତୀୟ ଓଭରରେ ଆଉଟ୍ ହୋଇଥିଲେ। ଏହା ପରେ ଶୁଭମନ ଗିଲ୍ ଓ ବିରାଟ କୋହଲି ଦଳର ବ୍ୟାଟିଂ ମଙ୍ଗ ସମ୍ଭାଳିଥିଲେ ଉଭୟ ବ୍ୟାଟର ଚିତ୍ତାକର୍ଷକ ବ୍ୟାଟିଂ କରି ଇଂଲଣ୍ଡ ବୋଲରଙ୍କୁ ଚାପରେ ରଖିଥିଲେ। ଏହି କ୍ରମରେ ଦୁଇ ବ୍ୟାଟର ନିଜ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ ଦୀର୍ଘ ଦିନ ଧରି ଖରାପ ଫର୍ମ ଦେଇ ଗତି କରୁଥିବା ବିରାଟ କୋହଲି ୫୫ ବଲରୁ ୭ ଚୌକା ଓ ୧ ଛକା ସହ ୫୨ ରନ କରି ଆଉଟ୍ ହୋଇଥିଲେ। ଏହା ପୂର୍ବରୁ ଗିଲ୍ ଓ କୋହଲି ଦ୍ୱିତୀୟ ୱିକେଟ୍ ପାଇଁ ୧୧୬ ରନର ଶତକୀୟ ଭାଗିଦାରୀ ଯୋଡ଼ିଥିଲେ। ଏହା ପରେ ଗିଲ୍ ଓ ଶ୍ରେୟସ ଆୟରଙ୍କ ମଧ୍ୟରେ ଆଉ ଏକ ଶତକୀୟ ଭାଗିଦାରୀ ଦେଖିବାକୁ ମିଳିଥିଲା। ଗିଲ୍ ଦିନିକିଆରେ ନିଜର ଚମତ୍କାର ଫର୍ମ ଜାରି ରଖି ଦିନିକିଆ।ରେ ସପ୍ତମ ଶତକ ପୂରଣ କରିଥିଲେ। ଏହି ଶତକ ଜରିଆରେ ସେ ଅନେକ ରେକର୍ଡ ଭାଙ୍ଗିଛନ୍ତି ଗିଲ୍ ୧୦୨ ବଲ୍‌ରୁ ୧୪ ଚୌକା ଓ ୩ ଛକା ସହ ୧୧୨ ରନ କରି ଆଉଟ୍ ହୋଇଛନ୍ତି। ଆୟର ଓ ଗିଲ୍ ତୃତୀୟ ୱିକେଟ୍‌ରେ ୧୦୪ ରନ ଯୋଡ଼ି ଦଳର ସ୍ଥିତି ମଜବୁତ କରିଥିଲେ। ଅନ୍ୟପଟେ ଶ୍ରେୟସ ଆୟର ଆଉ ଏକ ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି। ସେ ୬୪ ବଲ୍‌ରୁ ୮ ଚୌକା ଓ ୨ ଛକା ସହ ୭୮ ରନ କରି ପାଭିଲିୟନ ଫେରିଥିଲେ। ତାଙ୍କ ପରେ କେଏଲ ରାହୁଲ ନିମ୍ନ କ୍ରମରେ ଉପଯୋଗୀ ବ୍ୟାଟିଂ କରିଥିଲେ ହାର୍ଦ୍ଦିକ ପାଣ୍ଡ୍ୟା ୯ ବଲରୁ ୧୭ ରନ ଓ ଅକ୍ଷର ପଟେଲ୍ ୧୩ ରନ କରି ଆଉଟ୍ ହୋଇଥିଲେ। କେଏଲ ରାହୁଲ ଦ୍ରୁତ ବ୍ୟାଟିଂ କରି ୨୯ ବଲ୍‌ରୁ ୪୦ ରନ କରିଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ହର୍ଷିତ ରାଣା ୧୩ ରନ ଓ ୱାଶିଂଟନ ସୁନ୍ଦର ୧୪ ରନ କରି ଆଉଟ୍ ହୋଇଥିଲେ। ଏହିପରି ଭାରତ ୫୦ ଓଭରରେ ସମସ୍ତ ୱିକେଟ୍ ହରାଇ ୩୫୬ ରନ କରିପାରିଛି। ବୋଲିଂରେ ଇଂଲଣ୍ଡ ପକ୍ଷରୁ ଆଦିଲ ରଶିଦ ୬୪ ରନ ବ୍ୟୟ କରି ସର୍ବାଧିକ ୪ ଟି ସଫଳତା ପାଇଛନ୍ତି। ମାର୍କ ଉଡଙ୍କୁ ଦୁଇଟି ୱିକେଟ୍ ମିଳିଥିବା ବେଳେ ଶାକିବ ମେହମୁଦ, ଗସ ଏଟିଙ୍କନ ଓ ଜୋ ରୁଟ୍ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଛି।

## ସ୍କୋରବୋର୍ଡ

### ଭାରତ ଇଂନିସ

| ନାମ | ରନ୍ | ବଲ୍ | ଚୌକା | ଛକା |
|---|---|---|---|---|
| ରୋହିତ ଶର୍ମା | ୧ | ୨ | ୦ | ୦ |
| ଶୁଭମନ୍ ଗିଲ୍ | ୧୧୨ | ୧୦୨ | ୧୪ | ୩ |
| ବିରାଟ କୋହଲି | ୫୨ | ୫୫ | ୭ | ୧ |
| ଶ୍ରେୟସ ଆୟର | ୭୮ | ୬୪ | ୮ | ୨ |
| କେଏଲ୍ ରାହୁଲ | ୪୦ | ୨୯ | ୩ | ୧ |
| ହାର୍ଦ୍ଦିକ ପାଣ୍ଡ୍ୟା | ୧୭ | ୯ | ୦ | ୨ |
| ଅକ୍ଷର ପଟେଲ | ୧୩ | ୧୨ | ୨ | ୦ |
| ୱାସିଂଟନ୍ ସୁନ୍ଦର | ୧୪ | ୧୪ | ୦ | ୦ |
| ହର୍ଷିତ ରାଣା ୧୩ | ୧୦ | ୧ | ୧ | |
| ଅର୍ଶଦୀପ ସିଂ | ୨ | ୨ | ୦ | ୦ |
| କୁଲଦୀପ (ଅପରାଜିତ) | ୧ | ୧ | ୦ | |

ମୋଟ- ୩୫୬

ବୋଲିଂ- ରଶିଦ ୪/୬୪, ମାର୍କ ଉଡ୍ ୨/୪୫, ସାକିବ ୧/୬୮, ଆଟକିନସନ୍ ୧/୭୪, ରୁଟ୍ ୧/୪୭।

### ଇଂଲଣ୍ଡ ଇନିଂସ

| | | | | |
|---|---|---|---|---|
| ଫିଲିପ୍ ସଲ୍ଟ ୨୩ | ୨୧ | ୦୪ | | ୦୦ |
| ବେନ୍ ଡକେଟ୍ | ୩୪ | ୨୨ | ୦୮ | ୦୦ |
| ଟମ୍ ବେନ୍‌ଟନ୍ | ୩୮ | ୪୧ | ୦୪ | ୦୨ |
| ଜୋ ରୁଟ୍ ୨୪ | ୨୯ | ୦୨ | ୦୦ | |
| ହେରି ବ୍ରୁକ୍ ୧୯ | ୨୬ | ୦୧ | ୦୧ | |
| ଜୋସ୍ ବଟଲର | ୦୬ | ୦୯ | ୦୦ | ୦୦ |
| ଲିଅାମ୍ ଲିଭିଂଷ୍ଟୋନ୍ | ୦୯ | ୨୩ | ୦୧ | ୦୦ |
| ଗସ୍ ଆର୍ଟିକସନ୍ | ୩୮ | ୧୯ | ୦୬ | ୦୧ |
| ଆଦିଲ ରସିଦ୍ | ୦୦ | ୦୫ | ୦୦ | ୦୦ |
| ମାର୍କ ଉଡ୍ ୦୯ | ୦୭ | ୦୨ | ୦୦ | |
| ସାକିବ୍ ମହମ୍ମଦ (ଅପରାଜିତ) | ୦୨ | ୦୪ | ୦୦ | |

ମୋଟ-୨୧୪

ବୋଲିଂ - ଅର୍ଶଦୀପ ୨/୩୩, ହର୍ଷିତ ୨/୩୧, ଅକ୍ଷର ୨/୨୨, ହାର୍ଦ୍ଦିକ ୨/୩୮, କୁଲଦୀପ ୧/୩୮।

## ଜାତୀୟ ସମରଶିକ୍ଷାର୍ଥୀ ବାହିନୀ ଛାତ୍ରୀ ସମ୍ମାନିତ

ଖୋର୍ଦ୍ଧ,୧୨।୨: ଖୋରଧା ପୌରପରିଷଦର ସାମନ୍ତରାପୁର ଅଂଚଳ ୭ନମ୍ବର ୱାର୍ଡ଼ର ବାସିନ୍ଦା ତଥା କେନ୍ଦ୍ରୀୟ ବିଦ୍ୟାଳୟ ୧ ଭୁବନେଶ୍ୱର ନବମ ଶ୍ରେଣୀ ଛାତ୍ରୀ ପ୍ରୀତିଶ୍ରୀ ଦାସ ଓଡ଼ିଶା ସମର ଶିକ୍ଷାର୍ଥୀ ବାହିନୀର ନେତୃତ୍ୱ ନେଇ ୨୦୨୫ ସାଧାରଣତନ୍ତ୍ର ଦିବସରେ ନୂଆଦିଲ୍ଲୀ ଠାରେ ଚିତାକର୍ଷକ ପ୍ୟାରେଡ଼ ପରିବେଶଣ କରିବା ସହିତ ଶ୍ରେଷ୍ଠ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ କ୍ୟାଡ଼େଟ୍ ଭାବେ ପୁରସ୍କୃତ ହୋଇ ଓଡ଼ିଶା ତଥା ଖୋରଧାକୁ ଗୌରବ ଆଣିଦେଇଛନ୍ତି।



ସେ ପ୍ରଧାନମନ୍ତ୍ରୀ, ବାୟୁସେନା ମୁଖ୍ୟ, କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ, ମହାନିର୍ଦ୍ଦେଶକ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓଡ଼ିଶାଙ୍କ ବାସଭବନ ପରିଦର୍ଶନ କରିବା ସହ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଭେଟିଥିଲେ। ପ୍ରୀତିଶ୍ରୀଙ୍କ ଅତୁଟ ସମର୍ପଣ, ଶୃଙ୍ଖଳା ଏବଂ ଦୃଷ୍ଟାନ୍ତ ମୂଳକ ପ୍ରଦର୍ଶନ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀଙ୍କ ମଧ୍ୟରେ ଏକ ମାନଦଣ୍ଡ ସ୍ଥାପନ କରିଛି। ପ୍ରେରଣାର ଏକ ଆଲୋକବର୍ତ୍ତିକା ଭାବରେ ସେ କେବଳ ଉତ୍କୃଷ୍ଟ ନେତୃତ୍ୱ ଗୁଣ ପ୍ରଦର୍ଶନ କରି ନାହାଁନ୍ତି ବରଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ନୀତି ଓ ଆଦର୍ଶ ପ୍ରତି ପ୍ରଶଂସନୀୟ ପ୍ରତିବଦ୍ଧତା ପ୍ରଦର୍ଶନ କରିଛନ୍ତି। ଏହି ସଫଳତା ପ୍ରୀତିଙ୍କ କଠିନ ପରିଶ୍ରମ, କଠିନ ପ୍ରଶିକ୍ଷଣର ପ୍ରମାଣ ଅଟେ। ଏହା କେବଳ ଏକାଡ଼େମିକ୍ ଉତ୍କର୍ଷକୁ ପଦର୍ଶନ କରି ନଥାଏ ବରଂ ସାମଗ୍ରୀକ ବିକାଶ ନେତୃତ୍ୱ ଏବଂ ଦେଶ ପ୍ରେମର ଗୁଣକୁ ପ୍ରୋତ୍ସାହିତ କରିଥାଏ ବୋଲି ପ୍ରୀତିଶ୍ରୀ କହିଛନ୍ତି। ଏଥି ପାଇଁ ପ୍ରୀତିଶ୍ରୀଙ୍କୁ ମାନପତ୍ର ସହ ଆର୍ଥିକ ପୁରସ୍କୃତ କରାଯାଇଥିଲା ସୂଚନା ଯୋଗ୍ୟ ସ୍କୁଲ ଏବଂ କଲେଜ ସ୍ତରରେ ୭୫ ହଜାର ଏନ.ସି.ସି କ୍ୟାଡ଼େଡ଼ ରହିଥିବା ବେଳେ ଓଡ଼ିଶାରୁ ୧୨୭ଜଣଙ୍କୁ ମନୋନିତ କରାଯାଇଥିଲା। ୯ଜଣଙ୍କୁ ବେଷ୍ଟ କ୍ୟାଡ଼େଡ଼ ଭାବେ ବିବେଚିତ କରାଯାଇଥିବା ବେଳେ ଜୁନିୟର ବିଭାଗରେ ପ୍ରୀତିଶ୍ରୀଙ୍କୁ ସର୍ବଶ୍ରେଷ୍ଠ ମାନ୍ୟତା ପୁରସ୍କାର ଦିଆଯାଇଥିଲା। ପ୍ରକାଶ ଥାଉକି ପ୍ରୀତିଶ୍ରୀ ଖୋରଧା ସାମନ୍ତରାପୁର ଅଚଂଳର ପୂର୍ବତନ ଅବକାରୀ ବିଭାଗର ଅଧିକାରୀ ପିତା ପୀରମୋହନ ଦାସ, ମାତା ଇତିଶ୍ରୀ ପଟ୍ଟନାୟକଙ୍କ ସୁକନ୍ୟା ହୋଇଥିବା ବେଳେ ସମାଜ ସେବୀ ପ୍ରକାଶ କୁମାର ଦାସ (ପମିନା)ଙ୍କ ନାତୁଣୀ ଅଟନ୍ତି। ପ୍ରୀତିଶ୍ରୀଙ୍କର ଏହି ପ୍ରଦର୍ଶନ ପାଇଁ ବିଭିନ୍ନ କ୍ଷେତ୍ରରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## ଜୁରାବନ୍ଧ ବିଜୟୀ

ବଙ୍ଗୋମୁଣ୍ଡା,୧୨।୨: ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ କପିଲାଭଟା ପଞ୍ଚାୟତ ବରତୁଣ୍ଡା ଗାଁ ରେ ମାଁ ଦ୍ୱାରସେନି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଦ୍ୱିତୀୟ ଦିବସ ରେ ପହଞ୍ଚିଛି ଆୟୋଜିତ ଦ୍ୱିତୀୟ ଦିବସ ରେ ମୁଖ୍ୟ ଅତିଥି ଭାବେ କପିଲାଭଟା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କୁଳମଣି ମେହେର, ଜୟନ୍ତୀଲାଲ ହଂସ, ପିତାମ୍ବର ନାଗ,ସନ୍ତୋଷ ହଂସ, ଦୁର୍ଦ୍ଧକ୍ଷ ହଂସ, କପିଲାଭଟା ପଞ୍ଚାୟତ ର ସମିତି ସଭ୍ୟ କେଦାର ଭୋଇ,ନାଏବ ସରପଞ୍ଚ ଝସକେତନ ସାହୁ, ଶୁଭାକର ନାଗ, ତେଜରାଜ ଭୋଇ, ତରଣୀ ନାଗ ପରମେଶ୍ୱର ମହାନନ୍ଦ,ଧର୍ମେନ୍ଦ୍ର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ ଦିବସ ମ୍ୟାଚରେ ଖଇରଭାଡ଼ି ଓ ଜୁରାବନ୍ଧ ଦଳ ମଧ୍ୟରେ ଖେଳ ହୋଇଥିବା ବେଳେ ଖଇରଭାଡ଼ି ଦଳକୁ ପରାସ୍ତ କରି ଜୁରାବନ୍ଧ ଦଳ ବିଜୟୀ ହୋଇଛି। ନବୀନ ପୁଟେଲ ଓ ରମେଶ ନାଗ ଖେଳ ପରିଚାଳନା କରିଥିଲେ। ହୁଲେଶ୍ୱର ହଂସ ଓ ମହିଲାଲ ଠେଲା ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କମିଟିର ଆଶିଷ ଯାନୀ, ଅଙ୍କିତ ରାଉତ, ଯୋଗିନ ଭୋଇ, ମହେଶ୍ୱର ପୁଟେଲ, ଇନ୍ଦ୍ର ଭୋଇ, ଡୋଲେଶ୍ୱର ଭୋଇ,ମକରଧ୍ୱଜ ନାଗ,ପ୍ରତାପ ନାଗ ପ୍ରମୁଖ ସହ ଆୟୋଜକ କମିଟି ର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ।



## ୪୬ତମ ସର୍ବଭାରତୀୟ ବୃହତ ବନ୍ଦର ଫୁଟବଲ ଚାମ୍ପିୟନସିପ ଉଦଘାଟିତ





**ପାରାଦୀପ,୧୨।୨:** ପାରାଦୀପ ବନ୍ଦର ପ୍ରାଧିକରଣ ଓ ବୃହତ ବନ୍ଦର କ୍ରୀଡା ନିୟନ୍ତ୍ରଣ ବୋର୍ଡ ମିଳିତ ଆନୁକୂଲ୍ୟରେ ୪୬ ତମ ସର୍ବ ଭାରତୀୟ ବୃହତ ବନ୍ଦର ଫୁଟବଲ ଚମ୍ପିୟନସିପ ପାରାଦୀପ ବନ୍ଦର ର ଗୋପବନ୍ଧୁ ଷ୍ଟାଡିଅମ ଠାରେ ବୁଧବାର ଦିନ ଉଦଘାଟିତ ହୋଇଯାଇଛି ପାରାଦୀପ ବନ୍ଦର ଟ୍ରାଫିକ ଉପଦେଷ୍ଟା ଆଶିଷ କୁମାର ବୋଷ ଏହି ଟୁର୍ନାମେଣ୍ଟ କୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟ ଫେବୃଆରୀ ୧୨ ରୁ ଆରମ୍ଭ ହୋଇ ୧୬ ତାରିଖରେ ଉଦଯାପିତ ହେବ। ଏହି ପ୍ରତିଯୋଗିତା ଲିଗ ଓ ନକଆଉଟ ଆଧାରରେ କରାଯିବ ଏହି ଚମ୍ପିୟନସିପ ରେ ପାରାଦୀପ ବନ୍ଦର ସମେତ ଚେନାଇ, କୋଚିନ, ଦିନଦୟାଲ, ଶ୍ୟାମା ପ୍ରସାଦ ମୁଖାର୍ଜୀ, ମୁମ୍ବାଇ, ଭି.ଓ. ଚିଦାମ୍ବରନ, ବିଶାଖାପଟନମ ପ୍ରମୁଖ ୮ ଟି ଦଳ ଅଂଶଗ୍ରହଣ କରିଛନ୍ତି।

ପ୍ରଥମ ଉଦଘାଟନୀ ମ୍ୟାଚ ରେ ପାରାଦୀପ ବନ୍ଦର ଓ ବିଶାଖାପଟନମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାରାଦୀପ ବନ୍ଦର ଟିମ ବିଶାଖାପଟନମ ଦଳକୁ ୬ - ୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ଏହି କ୍ରୀଡା ପ୍ରତିଯୋଗିତାକୁ ବନ୍ଦର କ୍ରୀଡା ପରିଚାଳନା କମିଟିର ଅଧକ୍ଷ ଡ଼ି.ଏନ.ସୋନ୍ଧୀ, ସମ୍ପାଦକ ଡା.ଦୁର୍ଗା ପ୍ରସାଦ ସେଠୀ, ସଂଯୋଜକ ରବି ଦାସ ଓ ଯୁଗ୍ମ ସମ୍ପାଦକ ରଞ୍ଜନ ରଶ୍ମି ବେଉରା ପ୍ରମୁଖ ପରିଚାଳନା କରୁଛନ୍ତି।

**୧୬ରେ ସେଲିବ୍ରିଟି କ୍ରିକେଟ ଲିଗ୍**

## ବେଙ୍ଗଲ ସେଲିବ୍ରିଟିର ବାରବାଟୀ ହୋମ୍ ଗ୍ରାଉଣ୍ଡ



ଭୁବନେଶ୍ୱର,୧୨।୨: ଫେବୃଆରୀ ୧୬ରେ ଆୟୋଜିତ ହେବାକୁ ଥିବା ସେଲିବ୍ରିଟି କ୍ରିକେଟ ଲିଗ୍ ରେ ଖେଳିବେ ଷ୍ଟାର, ସୁପର ଷ୍ଟାର। ଆଜି ଭୁବନେଶ୍ୱରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସିସିଏଲ ପକ୍ଷରୁ ଏହି ସୂଚନା ଦିଆଯାଇଛି। ବେଙ୍ଗଲ ସେଲିବ୍ରିଟି କ୍ରିକେଟର କଟକ ବାରବାଟୀ ହୋମ ଗ୍ରାଉଣ୍ଡ ହେବ ବୋଲି ଟିମ୍ ଓନର ବୋନି କପୁର ଘୋଷଣା କରିଛନ୍ତି।ବେଙ୍ଗଲର ମୁକାବିଲା ମୁମ୍ବାଇ ଷ୍ଟାର ଟିମ୍ କୁ ଭେଟି। ଅର୍ଜୁନ କପୂର୍, ସୋହେଲ ଖାଁ, ସୋନୁ ସୁଦ୍, ମିକା ସିଂ, ଆୟୁଷ୍ମାନ ଖୁରାନା, ରିତେଶ ଦେଶମୁଖ, ଜାହ୍ନବୀ କପୁର ଭଳି ଷ୍ଟାର ମାନେ ଖେଳୁଥିବାର ଦର୍ଶକ ଦେଖିବେ। ଫେବୃଆରୀ ୧୧ ରୁ ବାରବାଟୀ ରେ ଟିକେଟ ମିଳିବା ଆରମ୍ଭ ହୋଇଛି। ଏହାଛଡା ରେଲୱେ ଷ୍ଟେସନ, ବିମାନ ବନ୍ଦର, ବସ ଷ୍ଟାଣ୍ଡ ରେ ବି ଟିକେଟ ମିଳିବ। ୧୬ରେ ପଞ୍ଜାବ ଦ ଶେର ଓ ଭୋଜପୁରୀ ଦବଙ୍ଗ ଟିମ୍ ମଧ୍ୟରେ ଗୋଟିଏ ମ୍ୟାଚ ମୁମ୍ବାଇ ହିରୋ ଏବଂ ବେଙ୍ଗଲ ଟାଇଗର୍ସଙ୍କ ମଧ୍ୟରେ ଆଉ ଗୋଟିଏ ମ୍ୟାଚ ହେବ। ବେଙ୍ଗଲର ମୁକାବିଲା ମୁମ୍ବାଇ ଷ୍ଟାର ଟିମ୍ କୁ ଭେଟିବେ।

## ଆମଲାଙ୍କ ରେକର୍ଡ ଭାଙ୍ଗିଲେ ଗିଲ୍

ନୂଆଦିଲ୍ଲୀ: ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଶତକ ହାସଲ କରି ଗିଲ୍ ବଡ ରେକର୍ଡ ନିଜ ନାଁରେ କରିଛନ୍ତି। ସେ ଦିନିକିଆ ଇତିହାସରେ ଦ୍ରୁତତମ ୨୫୦୦ ରନ ପୂରଣ କରିଥିବା ବ୍ୟାଟର ହୋଇଛନ୍ତି।ଶୁଭମନ ଗିଲ ୫୦ଟି ଦିନିକିଆ। ମ୍ୟାଚ୍‌ରେ ଏହି ରନ୍ କରିଛନ୍ତି ।ପୂର୍ବରୁ ଏହି ରେକର୍ଡ ଦକ୍ଷିଣ ଆଫ୍ରିକାର କିମ୍ବଦନ୍ତୀ ଖେଳାଳି ହାସିମ ଆମଲାଙ୍କ ନାଁରେ ରହିଥିଲା।ହାସିମ ଆମଲା ୫୧ ଇନିଂସରେ ୨୫୦୦ ରନ୍ ପୂରଣ କରିବାର ସଫଳ ହୋଇଥିଲେ କିନ୍ତୁ ବର୍ତ୍ତମାନ ଶୁଭମନ ଗିଲ ହାସିମ ଆମଲାଙ୍କୁ ପଛରେ ପକାଇଛନ୍ତି ଏହି ତାଲିକାରେ



ପାକିସ୍ତାନର ଇମାମ ଉଲ ହକ୍ ତୃତୀୟ ସ୍ଥାନରେ ଅଛନ୍ତି। ଇମାମ ଉଲ ହକ ୫୨ ଇନିଂସରେ ଏହି ସଫଳତା ହାସଲ କରିଥିଲେ। ଦିନିକିଆ। ଫର୍ମାଟରେ ୨୫୦୦ ରନ ସ୍କୋର କରିବାରେ ଚତୁର୍ଥ ଦ୍ରୁତତମ ବ୍ୟାଟର ହେଉଛନ୍ତି ପୂର୍ବତନ ୱେଷ୍ଟଇଣ୍ଡିଜ୍ କିମ୍ବଦନ୍ତୀ ଭିଭିଆନ୍ ରିଚାର୍ଡସ୍ ସେ ୫୬ଟି ଦିନିକିଆ। ମ୍ୟାଚ୍‌ରେ ଏହି ସଫଳତା ହାସଲ କରିଥିଲେ ।ଏହାପରେ ଇଂଲଣ୍ଡ କ୍ରିକେଟର ଜୋନାଥନ ଟ୍ରଟ ରହିଛନ୍ତି। ଜୋନାଥନ ଟ୍ରଟ୍ ୫୬ ଇନିଂସରେ ଏହି ରନ୍ ସ୍କୋରରେ ପହଞ୍ଚିଥିଲେ। ବର୍ତ୍ତମାନ ଶୁଭମନ ଗିଲ ଏହି ତାଲିକାର ଶୀର୍ଷରେ ରହିଛନ୍ତି । ଶୁଭମନ ଗିଲ ୫୦ଟି ମ୍ୟାଚରେ ଭାରତୀୟ ଦଳ ପାଇଁ ପ୍ରତିନିଧି କରିଛନ୍ତି ।ଯେଉଁଥିରେ ଏହି ବ୍ୟାଟର ୬୦.୧୬ ହାର ଏବଂ ୧୦୧.୯୩ ଷ୍ଟ୍ରାଇକ୍ ରେଟ୍‌ରେ ୨୫୮୭ ରନ କରିଛନ୍ତି।

## ଗୁଜରାଟ ଟାଇଟନ୍ସକୁ ମିଳିଲା ନୂଆ ମାଲିକ

ନୂଆଦିଲ୍ଲୀ,୧୨।୨: ଆଇପିଏଲ୍ ୨୦୨୫ ପୂର୍ବରୁ ଗୁଜରାଟ ଟାଇଟନ୍ସକୁ ମିଳିଛି ନୂଆ। ମାଲିକ। ସ୍ୱାସ୍ଥ୍ୟ ଏବଂ ଶକ୍ତି କ୍ଷେତ୍ରରେ କାରବାର ବିସ୍ତାର କରିଥିବା ଟୋରେଣ୍ଟ ଗ୍ରୁପ୍ ଆଇପିଏଲ୍ ଫ୍ରାଞ୍ଚାଇଜର ବଡ଼ ଅଂଶଧନ ଅଧିଗ୍ରହଣ କରିଛି । ପୂର୍ବରୁ ଅନେକ ବିଫଳ ପ୍ରୟାସ ପରେ ଏବେ ଟୋରେଣ୍ଟ ଗ୍ରୁପ୍ କ୍ରୀଡ଼ା କ୍ଷେତ୍ରରେ ପ୍ରଥମ ପ୍ରବେଶ କରିଛି। ଟୋରେଣ୍ଟ ଗ୍ରୁପ୍ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଫ୍ରାଞ୍ଚାଇଜ୍ ଗୁଜରାଟ ଟାଇଟାନ୍ସର ୬୭% ଅଂଶଧନ ଅଧିଗ୍ରହଣକୁ ନିଶ୍ଚିତ କରିଛି।

ଟୋରେଣ୍ଟ ଗ୍ରୁପ୍ କହିଛି, 'ଏହାର ହୋଲ୍ଡିଂ କମ୍ପାନୀ ଟୋରେଣ୍ଟ ଇନ୍‌ଭେଷ୍ଟମେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ (ଟିଆଇପିଏଲ୍) ମାଧ୍ୟମରେ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ୍, ଗୁଜରାଟ ଟାଇଟାନ୍ସର ୬୭ ପ୍ରତିଶତ ଅଂଶଧନ ଅଧିଗ୍ରହଣ କରିବା ପାଇଁ ଏକ ନିଶ୍ଚିତ ଚୁକ୍ତି କରିଛି'।



ଏହି କଙ୍ଗଲୋମରେଟ୍ ଗୁଜରାଟ ଟାଇଟାନ୍ସ (ଆଇରେଲିଆ ସ୍ପୋର୍ଟସ୍ ଇଣ୍ଡିଆ। ପ୍ରାଇଭେଟ୍ ଲିମିଟେଡ୍)ର ମେଜୋରିଟ୍ ସେୟାର ଆଇରେଲିଅ। କମ୍ପାନୀ ପ୍ରାଇଭେଟ୍ ଲିମିଟେଡ୍ ଠାରୁ କ୍ରୟ କରୁଛି ଯାହା ବର୍ତ୍ତମାନ ର ସମ୍ପୂର୍ଣ୍ଣ ମାଲିକାନାରେ ରହିଛି। ଏହି ଚୁକ୍ତିର ଏକ ଅଂଶ ସ୍ୱରୂପ, ଇରେଲିଆ ଫ୍ରାଞ୍ଚାଇଜରେ ୩୩ ପ୍ରତିଶତର ଅଂଶଧନ ବଜାୟ ରଖିବ ।ଏହି ଚୁକ୍ତି ଉପରେ ଟୋରେଣ୍ଟ ଗ୍ରୁପର ନିର୍ଦ୍ଦେଶକ ଜିନାଲ ମେହେତା କହିଛନ୍ତି, 'ଭାରତରେ ଖେଳ ପ୍ରମୁଖତା ହାସଲ କରୁଥିବାରୁ, ଟୋରେଣ୍ଟ ଏହି ଦ୍ରୁତ ପ୍ରଗତିଶୀଳ କ୍ଷେତ୍ରରେ ଅନେକ ସମ୍ଭାବନା ଦେଖୁଛି । ଗୁଜରାଟ ଟାଇଟାନ୍ସରେ ଅଧିକାଂଶ ଅଂଶଧନ ଅଧିଗ୍ରହଣ ସହିତ, ଆମେ ଆମର ପ୍ରଶଂସକ ଅଭିଜ୍ଞତାକୁ ଉନ୍ନତ କରିବା ଏବଂ ଆଗାମୀ ବର୍ଷଗୁଡ଼ିକରେ ନୂତନ ସୁଯୋଗ ପାଇବା ପାଇଁ ଉତ୍ସାହିତ ଅଛୁ'।

ଅନ୍ୟପଟେ ର ପରିଚାଳନା ପାର୍ଟନର ସିଦ୍ଧାର୍ଥ ପଟେଲ କହିଛନ୍ତି, 'ଆମେ ଏକ ଦୃଢ଼ ଆରମ୍ଭ ସହିତ ଭାରତୀୟ କ୍ରିକେଟରେ ପ୍ରବେଶ କରିଥିଲୁ- ପ୍ରଥମ ସିଜିନରେ ଟାଇଟଲ୍ ଜିତିଥିଲୁ ଏବଂ ଦ୍ୱିତୀୟରେ ରନର୍ସ-ଅପ୍ ଭାବରେ ଶେଷ ଯାତ୍ରା କରିଥିଲୁ।

୨୦୨୨ ମସିହାରେ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଏବଂ ଗୁଜରାଟ ଟାଇଟାନ୍ସ ଏଣ୍ଟ୍ରିକରିଥିଲେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଟାଇଟାନ୍ସ ପ୍ରଥମ ଥର ପାଇଁ ଆଇପିଏଲ୍ ଟାଇଟଲ୍ ଜିତିଥିଲା। ୨୦୨୩ ମସିହାରେ ଚେନ୍ନାଇ ସୁପର କିଙ୍ଗସ୍ ଠାରୁ ପରାଜିତ ହୋଇ ରନର୍ସଅପ୍ ହୋଇଥିଲା।୨୦୨୪ରେ ଅଷ୍ଟମ ସ୍ଥାନରେ ରହିଥିଲା ଟିମ୍ ଗିଲ୍ ୨୦୨୫ ସଂସ୍କରଣ ପାଇଁ ମଧ୍ୟ ଦଳର ଅଧିନାୟକ ଅଛନ୍ତି ।

## ଓଡ଼ିଶା ଟୁର୍‌ରେ ଆସିବ ଆଇପିଏଲ ଟ୍ରଫି

ଭୁବନେଶ୍ୱର,୧୨।୨: ଓଡ଼ିଶା ଟୁର୍ ରେ ଆସିବାକୁ ଯାଉଛି ଟାଟା ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ଟ୍ରଫି। ୨୦୨୪ରେ ଏକ ସ୍ମରଣୀୟ ଅଭିଯାନ ପରେ ଡିଫେଣ୍ଡିଂ ଚାମ୍ପିଅନ୍ସ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଦେଶର ବିଭିନ୍ନ ରାଜ୍ୟରେ ପ୍ରଥମ ଥର ପାଇଁ ଟ୍ରଫି ଟୁର୍ ସହିତ ଇତିହାସ ରଚିବାକୁ ଯାଉଛି। ସେମାନଙ୍କର ଚାମ୍ପିଅନସିପ୍ ପାଳନର ଏକ ଅଂଶ ଭାବରେ, ଫ୍ରାଞ୍ଚାଇଜ୍ ସେମାନଙ୍କ ପ୍ରଶଂସକଙ୍କ ହୃଦୟ ସହିତ ଯୋଡ଼ିହେବା ପାଇଁ ଓଡ଼ିଶାର ରାଜଧାନୀ ସମେତ ଭାରତର ବିଭିନ୍ନ ସହରରେ ଟ୍ରଫି ସହିତ ଯାତ୍ରା କରିବ ।ଇତିହାସରେ ଏହା ପ୍ରଥମ ଥର ପାଇଁ ହୋଇଛି ଯେ ଏକ ଟାଟା ଆଇପିଏଲ ଫ୍ରାଞ୍ଚାଇଜ୍ ସେମାନଙ୍କ ଘରୋଇ ସହର ବାହାରେ ଏକ ଟ୍ରଫି ଟୁର୍ ଆୟୋଜନ କରୁଛି ।ଏହି ପଦକ୍ଷେପର ଲକ୍ଷ୍ୟ ଦେଶବ୍ୟାପୀ କେକେଆର ପ୍ରଶଂସକମାନଙ୍କୁ ଟ୍ରଫି ସହିତ ଯୋଗାଯୋଗ କରିବାର ଏବଂ ସେମାନଙ୍କର ପ୍ରିୟ ଦଳର ସଫଳତାକୁ ସମସ୍ତ ଗୌରବରେ ଦେଖିବାର ସୁଯୋଗ ଦେବା। ନୂତନ ସିଜିନ୍ ପୂର୍ବରୁ, ଏହି ଟୁର୍‌ରେ ନଅଟି ସହରରେ ପ୍ରତିଷ୍ଠିତ ଟ୍ରଫି ଯାତ୍ରା କରିବ, ଯାହା ଫେବୃଆରୀ ୧୪ ରୁ ଗୌହାଟୀରେ ଆରମ୍ଭ ହେବ ଏବଂ ଶେଷରେ ମାର୍ଚ୍ଚ ୧୨ ଏବଂ ୧୬ ସୁଦ୍ଧା କୋଲକାତାର ଆନନ୍ଦ ସହରକୁ ଫେରିବ। ଏହି ଟୁର୍ ଗୌହାଟୀ, ଭୁବନେଶ୍ୱର, ଜାମସେଦପୁର, ରାଞ୍ଚି, ଗ୍ୟାଙ୍ଗଟକ୍, ସିଲିଗୁଡ଼ି, ପାଟନା, ଦୁର୍ଗାପୁର ଏବଂ କୋଲକାତା ସମେତ ବିଭିନ୍ନ ଅଞ୍ଚଳକୁ କଭର କରିବ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ